କଟକ
ରବିବାର ୮ ମାର୍ଚ୍ଚ, ୨୦୨୬
ପ୍ରାତଃ ସଂସ୍କରଣ

March 8 2026 Cuttack
Vol - XXIII, Issue - 335
Price: Rs.5/- ( 8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

**PRATIDIN Odia Daily**

ସବୁବେଳେ ଆପଣଙ୍କ ସାଥିରେ

---

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ

ମୁଖ୍ୟମନ୍ତ୍ରୀ

## ଶ୍ରୀ ମୋହନ ଚରଣ ମାଝୀଙ୍କ

କରକମଳରେ




# ସୁଭଦ୍ରା ଚତୁର୍ଥ କିସ୍ତି



୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ

## ୫ ହଜାର କୋଟିରୁ ଊର୍ଦ୍ଧ୍ୱ

ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



**ଗରିମାମୟ ଉପସ୍ଥିତି**

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ସମ୍ବିତ ପାତ୍ର**
ସାଂସଦ, ପୁରୀ

**ଶ୍ରୀ ବିଭୁପ୍ରସାଦ ତରାଇ**
ସାଂସଦ, ଜଗତସିଂହପୁର

**ଶ୍ରୀ ତୁଷାରକାନ୍ତି ବେହେରା**
ବିଧାୟକ, କାକଟପୁର

**ଶ୍ରୀ ସୁନୀଲ କୁମାର ମହାନ୍ତି**
ବିଧାୟକ, ପୁରୀ

**ଶ୍ରୀମତୀ ଉପାସନା ମହାପାତ୍ର**
ବିଧାୟିକା, ବ୍ରହ୍ମଗିରି

**ଶ୍ରୀ ଓମ୍ ପ୍ରକାଶ ମିଶ୍ର**
ବିଧାୟକ, ସତ୍ୟବାଦୀ

**ଶ୍ରୀ ଆଶ୍ରିତ ପଟ୍ଟନାୟକ**
ବିଧାୟକ, ପିପିଲି

୮ ମାର୍ଚ୍ଚ ୨୦୨୬, ପୁରୀ

••• ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା •••

ପୁଲିସ୍ ହେଲ୍ପଲାଇନ୍ ୧୧୨ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ମହିଳା ହେଲ୍ପଲାଇନ୍ ୧୮୧ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

OIPR 33001/17/2526

## ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

# ମନ ଜିଣୁଛି ଚାରିକାନ୍ଧ




ରିତୁପ୍ରିୟା ପ୍ରଡ଼କ୍ସନ ବ୍ୟାନରରେ ନିର୍ମିତ ହୋଇଥିବା ଓଡ଼ିଆ ସିନେମା 'ଚାରିକାନ୍ଧ' ବଡ଼ ପରଦାରେ ମୁକ୍ତିଲାଭ କରିଛି। ୩୭ମିନିଟର 'ଚାରିକାନ୍ଧ' କାହାଣୀ ଦର୍ଶକଙ୍କ ପ୍ରଶଂସା ସାଉଁଟୁଛି। ପ୍ରଥମ ସପ୍ତାହରେ ସଫଳତାର ସହ ଚାଲିବା ପରେ ଏବେ ଦ୍ୱିତୀୟ ସପ୍ତାହରେ ପାଦ ଦେଇଛି ଏହି ଚଳଚ୍ଚିତ୍ର। ପ୍ରଥମ ସପ୍ତାହରେ ଦର୍ଶକଙ୍କଠାରୁ ବେଶ୍ ପ୍ରଶଂସା ସାଉଁଟିଥିଲା। ଏବେ ଦ୍ୱିତୀୟ ସପ୍ତାହରେ ମଧ୍ୟ ଦର୍ଶକାଦୃତ ହୋଇପାରିଛି ଚଳଚ୍ଚିତ୍ର 'ଚାରିକାନ୍ଧ'। ହଲରୁ ବାହାରିବା ସମୟରେ ଭାବବିହ୍ୱଳ ହେଉଛନ୍ତି ଦର୍ଶକ। ବର୍ତ୍ତମାନର ସାମାଜିକ ପରିସ୍ଥିତିରେ ମଣିଷର ମୃତ୍ୟୁପରେ ମଶାଣିକୁ ନେବା ପାଇଁ 'ଚାରିକାନ୍ଧ' ଅଭାବ ପଡ଼ିବା। ସେମିତି ଏକ ଛୋଟ କାହାଣୀକୁ ନେଇ ବଡ଼ ପରଦାରେ ଓଡ଼ିଆ ଦର୍ଶକଙ୍କୁ ଦେଖାଇବା ପାଇଁ ପ୍ରଯୋଜକ ଅତୀଶ କୁମାର ରାଉତ ପ୍ରୟାସ କରିଛନ୍ତି। ଅନେକ ଉପସ୍ଥିତ ଦର୍ଶକଙ୍କ ଆଖିରେ ଲୁହ ଆଉ ଛାତିରେ କୋହ ଦେଖିବାକୁ ମିଳୁଛି।

'ଚାରିକାନ୍ଧ'ର ପ୍ରଯୋଜକ ଅତୀଶ କୁମାର ରାଉତ ରହିଥିବାବେଳେ ଲେଖକ ଓ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶ୍ୱନାଥ ରଥ। ଅଭିନୟରେ ଶକ୍ତି ବରାଳ, ଶତାବ୍ଦୀ ସୁର୍ଯ୍ୟସ୍ନାତା, ସୁଶିଲ ମିଶ୍ର, ଗୌରବ ମହାନ୍ତି, ଶିବାନୀ ଖରା, ପ୍ରଭଞ୍ଜନ ମିଶ୍ର, ଋଦ୍ଧି ପରିଡ଼ା, ସୁରୁଚିକା ମହାପାତ୍ର, ନମିତା ସାହୁ, ନିତ୍ୟାନନ୍ଦ ରାଉତ, ରାଜ ଏସ୍ ପାଢ଼ି, ସୌମ୍ୟରଞ୍ଜନ ନାୟକ, ସଂସ୍କୃତି ସ୍ୱାଇଁ, ଏସ. ରାଜେନ୍ଦ୍ର, ସୌମ୍ୟ ଆର୍. ଷଡ଼ଙ୍ଗୀ ପ୍ରମୁଖ ରହିଛନ୍ତି। ୩୭ ମିନିଟର ଏହି ଫିଲ୍ମଟି ୪୬ରୁ ଅଧିକ ଜାତୀୟ ଓ ୨୨ରୁ ଅଧିକ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହେବା ସହ ଅନେକ ବର୍ଗରେ ପୁରସ୍କୃତ ହୋଇଛି ।

# ବିଜୁଳି ନଥିବା ଗାଁରେ ମୋବାଇଲ ମାଳ ମାଳ

ଦକ୍ଷିଣ ଆମେରିକାର ସବୁଠୁ ଛୋଟ ଦେଶ ହେଉଛି ଉରୁଗୁଏ। ଏହି ଦେଶର କିଛି ଅଞ୍ଚଳ ଏବେ ବି ଅବିକଶିତ ହୋଇ ରହିଯାଇଛି। ଏଠାରେ ଥିବା କାବୋ ପୋଲୋନିଓ ଗାଁକୁ ଆଜି ପର୍ଯ୍ୟନ୍ତ ଲାଇନ୍ ଯାଇନାହିଁ କି ସଠିକ୍ ରାସ୍ତାଟିଏ ଯାଇନାହିଁ। ତଥାପି ଗାଁରେ ଭରପୂର ଲୋକ ଖୁସି ମନରେ ଅଛନ୍ତି। ଏହି ଅଞ୍ଚଳରେ ଲୋକେ ଲଣ୍ଠନ ଓ ମହମବତୀ ଜଳାଇ ରାତି ବିତାଇଥାନ୍ତି, ତଥାପି ଏହି ଗାଁ ଲୋକେ ମୋବାଇଲ୍ ଚଲାଇବାରେ ଓସ୍ତାଦ।

ସବୁଠାରୁ ବଡ଼ କଥା ହେଲା ଗାଁ ଲୋକେ ସୂର୍ଯ୍ୟ କିରଣରୁ ସୌରଶକ୍ତି ସଂଗ୍ରହ କରି ମୋବାଇଲ୍ ଚାର୍ଜ କରିଥାନ୍ତି। କାବୋ ପୋଲୋନିଓ ଗାଁ ମୁଖ୍ୟ ରାସ୍ତା ନିକଟରେ ପହଞ୍ଚିବା ପାଇଁ ପ୍ରାୟ ୭ କିଲୋମିଟର ପାଦରେ ଚାଲି ଯିବାକୁ ପଡ଼ିଥାଏ। ଗାଁଟି ସମୁଦ୍ର କୂଳରେ ହୋଇଥିବାରୁ ଗାଁଟି ବେଶ୍ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ଏହାକୁ ଦେଖିବା ପାଇଁ ପର୍ଯ୍ୟଟକମାନେ ବାଲିରେ ଟଣା ହେଉଥିବା ଗାଡ଼ି କିମ୍ବା ପାଦରେ ଚାଲି ଚାଲି ଏଠାକୁ ଆସିଥାନ୍ତି।

ରାତି ହେଲେ କାବୋ ପୋଲୋନିଓ ଗାଁରେ ଅନ୍ଧାର ଘେରିଯାଏ। ତେଣୁ ମୋବାଇଲ୍ ଚାର୍ଜ କରିବା ପାଇଁ ଲୋକେ ସେଠାରେ ଥିବା ଏକମାତ୍ର ଲାଇଟ୍ ହାଉସ୍‌କୁ ଆସିଥାନ୍ତି। ସେଠାରେ ସୋଲାର ପ୍ୟାନେଲ୍ ଯୋଗୁ ସୌରଶକ୍ତିରୁ ବିଦ୍ୟୁତ୍ ସଂଗ୍ରହ କରାଯାଇଥାଏ। ଏଠାରେ ଗାଁର ସମସ୍ତ ଲୋକ ମୋବାଇଲ୍ ଚାର୍ଜ କରିଥାନ୍ତି। ଗାଁ ଲୋକେ ମୋବାଇଲ୍ ଚଲାଇବା ଠିକ୍ ଭାବରେ ଶିଖି ଯାଇଛନ୍ତି। ଅନ୍ଧାର ଦୂର କରିବା ପାଇଁ ମୋବାଇଲ୍ ଟର୍ଚ୍ଚ ମଧ୍ୟ ବ୍ୟବହାର କରିଥାନ୍ତି। ଉରୁଗୁଏରେ ସ୍ୱଷ୍ଟ ଜହ୍ନ ପଡୁଥିବାରୁ ଲୋକେ ଜହ୍ନ ଆଲୁଅକୁ ବ୍ୟବହାର କରି ନିଜ କାମଧନ୍ଦା କରିଥାନ୍ତି। ଏଥିପାଇଁ ରାତିରେ ମଧ୍ୟ କାମଧନ୍ଦା କରିବାକୁ ସେମାନେ ଖୁବ୍ ପସନ୍ଦ କରିଥାନ୍ତି।





# ସୁପ୍ତ ବଦ୍ଧକୋଣାସନ

ଏହି ଆସନ କରିବା ଲାଗି ଚିତ୍ ହୋଇ ମ୍ୟାଟ୍ ଉପରେ ଶୋଇପଡ଼ନ୍ତୁ। ଏବେ ଦୁଇ ଗୋଡ଼ର ପାଦକୁ ଯୋଡ଼ି ଆଣ୍ଠୁ ବଙ୍କା କରି ଭୂମି ଉପରେ ଦୁଇ ଗୋଡ଼ରେ ଦୁଇଟି ସମକୋଣୀ ତ୍ରିଭୁଜ ପରି ରଖନ୍ତୁ। ଏବେ ଦୁଇ ହାତ ଭୂମି ଉପରେ ପାରି ଦୁଇ କଡ଼କୁ ରଖିବା ସହିତ ଆଖି ବନ୍ଦ କରି ରଖନ୍ତୁ। ଆସନ ପୋଜିସନରେ ୩୦ରୁ ୬୦ ସେକେଣ୍ଡ ରହି ଆଖି ଖୋଲି ପୂର୍ବ ସ୍ଥିତିକୁ ଫେରନ୍ତୁ। ଆବଶ୍ୟକ ହେଲେ ୨/୩ ମିନିଟ୍ ମଧ୍ୟ ଏହି ଆସନ ଅଭ୍ୟାସ କରିପାରିବେ।

**ଉପକାରିତା**

- ଅତ୍ୟଧିକ ଚିନ୍ତା ଓ ଚାପରୁ ତୁରନ୍ତ ମୁକ୍ତି ଚାହୁଁଥିଲେ କିଛି ସମୟ ଏହି ଆସନ ମୁଦ୍ରାରେ ରୁହନ୍ତୁ।
- ଆଣ୍ଠୁ ଓ ଅଣ୍ଟା ଯନ୍ତ୍ରଣାରୁ ମୁକ୍ତି ଦିଏ।
- କାନ୍ଧ, ପିଠି, କହୁଣୀ ଯନ୍ତ୍ରଣାରୁ ମୁକ୍ତି ମିଳେ।
- ମାଂସପେଶୀ ଯନ୍ତ୍ରଣାରୁ ମଧ୍ୟ ଏହି ଆସନ ମୁକ୍ତି ଦିଏ।
- ପାଚନ କ୍ରିୟା ଠିକ୍ ଭାବରେ ହୋଇଥାଏ।
- ଏକାଗ୍ରତା ବୃଦ୍ଧିରେ ସହାୟକ ହୋଇଥାଏ।



# ସିକ୍ୱିନ୍ ପାର୍ଟି ବ୍ୟାଗ୍

**ପାର୍ଟି ହେଉ ବା ଫଙ୍କସନ ଡିଜାଇନିଂ ବ୍ୟାଗ୍ କ୍ୟାରି କରିବାକୁ ସମସ୍ତେ ଚାହାନ୍ତି। ଷ୍ଟାଇଲକୁ ଧ୍ୟାନରେ ରଖି ମଧ୍ୟ ବଜାରରେ ନାନା ପ୍ରକାରର ବ୍ୟାଗ୍ ଏବେ ଉପଲବ୍ଧ। ତେବେ ବଜାରରେ ଏବେ ସିକ୍ୱିନ ବ୍ୟାଗ୍ ବେଶ୍ ଚାହିଦାରେ ରହିଛି। ସିକ୍ୱିନ ହେଉଛି ଏକ ଚମକଦାର ଫ୍ୟାବ୍ରିକ ଯେଉଁଥିରେ ଚିକମିକିଆ ଜରି ସୁତା ସହିତ ଚୁମ୍କି ଲାଗିଥାଏ। ସିକ୍ୱିନକୁ ନେଇ ବିଭିନ୍ନ ଡିଜାଇନ ବ୍ୟାଗ୍ ରହିଛି, ଯାହାକୁ ପାର୍ଟିରେ ଯୁବତୀମାନେ ଅଧିକ ବ୍ୟବହାର କରୁଥିବା ଦେଖାଯାଉଛି। ଏହି ବ୍ୟାଗ୍ ଉଭୟ ଟ୍ରାଡିସନାଲ ଓ ମଡର୍ଣ୍ଣ ଆଉଟ୍‌ଫିଟ ସହ ଏକଦମ ମ୍ୟାଚ୍ ହୋଇଯାଏ।**

- ମାର୍କେଟ ଏବଂ ଅନଲାଇନରେ ଏପରି ବ୍ୟାଗ୍‌ର ବିଭିନ୍ନ ଡିଜାଇନ୍ ଉପଲବ୍ଧ। ସିକ୍ୱିନ ବ୍ୟାଗର ମାର୍କେଟ ପ୍ରାଇସ୍ ପ୍ରାୟ ୨୦୦ ଟଙ୍କାରୁ ଆରମ୍ଭ ହେଉଥିବାରୁ ଏହାର ଚାହିଦା ଅଧିକ ରହିଥାଏ।
- ବିଶେଷକରି କ୍ଲଚ୍ ଷ୍ଟାଇଲ ସିକ୍ୱିନ ବ୍ୟାଗ୍, କ୍ରସବଡି ବ୍ୟାଗ୍ ଓ ବାଗୁଏଟ୍ ଷ୍ଟାଇଲ ସିକ୍ୱିନ ବ୍ୟାଗ୍‌ର ଡିମାଣ୍ଡ ଅଧିକ ରହିଛି। କାରଣ ଏହି ଡିଜାଇନର ବ୍ୟାଗ୍ ସମସ୍ତ ପ୍ରକାର ଆଉଟଫିଟ୍ ସହ ମ୍ୟାଚ୍ ହୋଇଯାଏ।
- ଟୋଟ୍, ବକେଟ୍ ଓ ହୋବୋ ଷ୍ଟାଇଲ ସିକ୍ୱିନ ବ୍ୟାଗ୍ ପ୍ରାୟତଃ ମହଙ୍ଗା ହୋଇଥାଏଛ କାରଣ ଏପରି ଷ୍ଟାଇଲ ବ୍ୟାଗରେ ସିକ୍ୱିନ ସହିତ ମାଳି ଓ ଷ୍ଟୋନ ବ୍ୟବହାର କରାଯାଏ। ଏସବୁ ବ୍ୟାଗ୍ କେବଳ ମଡର୍ଣ୍ଣ ଆଉଟଫିଟ୍ ସହ ମାନିଥାଏ।
- ଏହି ବ୍ୟାଗ୍‌ର ଟ୍ରେଣ୍ଡ ଦେଖି ଆଜିକାଲି ଡିଜାଇନରମାନେ କଷ୍ଟମାଇଜ୍ ସିକ୍ୱିନ ବ୍ୟାଗ୍ ପ୍ରସ୍ତୁତ କଲେଣି। ଏଥିରେ ଆଉଟଫିଟ୍ ସହ ମ୍ୟାଚିଂ ଫାବ୍ରିକ ହେଉ ଅବା ନିଜ ଫଟୋ କିମ୍ବା ଫ୍ୟାମିଲି ଫଟୋ ରଖି ମଧ୍ୟ ବ୍ୟାଗ୍ ତିଆରି କରାଯାଉଛି।



**ସବୁଜ ପତ୍ର ଭିତରେ ସେ ସବୁଜ, କାଠ ଉପରେ ପାଲଟେ ଧୂସର। ପରିବେଶ ଓ ପରିସ୍ଥିତି ଅନୁସାରେ ରଙ୍ଗ ବଦଳାଇବାରେ ମାହିର। ସେ ହେଉଛି ବହୁରୂପୀ ଏଣ୍ଡୁଅ। ତେବେ ପ୍ରକୃତରେ କ'ଣ ବହୁରୂପୀ ଏଣ୍ଡୁଅ ରଙ୍ଗ ବଦଳାଏ? ଯଦି ବଦଳାଏ, କେମିତି ବଦଳାଏ ଆସନ୍ତୁ ଜାଣିବା...**







ବହୁରୂପୀ ଏଣ୍ଡୁଅ ଏକ ଛଦ୍ମବେଶୀ ପ୍ରାଣୀ। ରଙ୍ଗ ବଦଳାଇବାରେ ବେଶ୍ ମାହିର। ସେ ଶତ୍ରୁ କବଳରୁ ରକ୍ଷା ପାଇବା ପାଇଁ ହେଉ କି ଛଦ୍ମବେଶରେ ଲୁଚି ରହି ଶିକାର କରିବା ପାଇଁ ହେଉ, ଅବା ସାଥିକୁ ଆକର୍ଷଣ କରିବା ପାଇଁ ବହୁରୂପୀ ଏଣ୍ଡୁଅ ଶରୀରର ରଙ୍ଗ ବଦଳୁଥିବା ଦେଖିବାକୁ ମିଳେ। ତେବେ ଏହା ହୁଏ କେମିତି? ଏ ସମ୍ପର୍କରେ ବିଶେଷଜ୍ଞ କହନ୍ତି– ଏଣ୍ଡୁଅର ତ୍ୱଚା ଟ୍ରାନ୍ସପରେଣ୍ଟ ବା ପାରଦର୍ଶୀ। ଆଉ ଏହାର ତଳେ ଅଲଗା ଅଲଗା ରଙ୍ଗର ପିଗ୍‌ମେଣ୍ଟ କୋଷିକା ବା କ୍ରୋମାଟୋଫର ସେଲ୍ସ ଥାଏ। ଏଥିରେ ହଳଦିଆ, କଳା ଓ ଲାଲ୍ ରଙ୍ଗର ଦାନାଦାର ପିଗ୍‌ମେଣ୍ଟ ଥାଏ। ଏହି ଦାନାଦାର ପିଗ୍‌ମେଣ୍ଟ ଗୁଡ଼ିକ କେବେ ଏକାଠି ହୋଇଥାନ୍ତି ତ କେବେ ପ୍ରସାରିତ ହୋଇ ଅଲଗା ଅଲଗା ହୋଇଥାନ୍ତି। ଯେବେ କୋଷଗୁଡ଼ିକ ସଙ୍କୁଚିତ ହୁଅନ୍ତି ପିଗ୍‌ମେଣ୍ଟଗୁଡ଼ିକ ପାଖକୁ ପାଖକୁ ଆସି ଗଭୀର ରଙ୍ଗର ଯେମିତିକି କଳା ରଙ୍ଗ ଭଳି ଦେଖାଯାଏ। ଯେବେ କୋଷଗୁଡ଼ିକ ପ୍ରସାରିତ ହୋଇ ଅଲଗା ଅଲଗା ହୋଇଥାନ୍ତି ହାଲୁକା ଅବା ଅଲଗା ଅଲଗା ରଙ୍ଗରେ ନଜର ଆସନ୍ତି। ଏହି କୋଷଗୁଡ଼ିକ ବ୍ୟତୀତ ଏଣ୍ଡୁଅର ଚର୍ମ ତଳେ ଇରିଡୋଫୋରିସ କୋଷ ବି ଥାଏ। ଏହା ଭିତରେ ନାନୋ ଫୋଟୋନିକ କ୍ରିଷ୍ଟାଲ ମହଜୁଦ ଥାଏ। ଏହି କ୍ରିଷ୍ଟାଲ୍ ପ୍ରକାଶ ତଥା ଆଲୋକର ୱେଭ୍ ଲେନ୍ଥକୁ ରିଫ୍ଲେକ୍ଟ କରି ରଙ୍ଗ ବଦଳାଇବାରେ ସାହାଯ୍ୟ କରେ। ଯେମିତିକି ଏହି କୋଷଗୁଡ଼ିକ ଯଦି ନୀଳ ଅବା ସବୁଜ ରଙ୍ଗର ଦିଗ ଆଡ଼କୁ ଯାଇଥାଏ, ଏଣ୍ଡୁଅର ତ୍ୱଚା ନୀଳ ଓ ସବୁଜ ରଙ୍ଗର ଦେଖାଯାଏ। ଅର୍ଥାତ୍ ଲାଇଟ୍‌ର ରିଫ୍ଲେକ୍ସନରେ ଏଣ୍ଡୁଅର ରଙ୍ଗ ବଦଳୁଥିବା ଭଳି ଦେଖାଯାଏ। ଏହାର ଅର୍ଥ ହେଉଛି ଏଣ୍ଡୁଅ ରଙ୍ଗ ବଦଳାଇନଥାଏ। ରଙ୍ଗ ତା'ର ଏଭଳି ହୋଇଥାଏ ଯେ, ଅଲଗା ଅଲଗା କଣ୍ଡିସନ୍‌ରେ ଏହା ଅଲଗା ଅଲଗା ରଙ୍ଗର ଦେଖାଯାଏ। ଏହି କାରଣରୁ ହିଁ ଏଣ୍ଡୁଅ ଯେଉଁ ରଙ୍ଗର ସ୍ଥାନରେ ଠିଆ ହୁଏ ସେହିଭଳି ଦେଖାଯାଏ। ଯଦି ଏଣ୍ଡୁଅ ସବୁଜ ପତ୍ର ଭିତରେ ଥାଏ ସବୁଜ ରଙ୍ଗର ହୋଇଯାଏ। ଶୁଖିଲା କାଠ ପାଖରେ ଥିଲେ କାଠ ଭଳି ରଙ୍ଗ ହୋଇଯାଏ। କୌଣସି ପଥର ଉପରେ ରହିଲେ ପଥରର ରଙ୍ଗ ଭଳି ହୋଇଯାଏ। ଆଉ ଲୋକଙ୍କୁ ଲାଗେ ଏଣ୍ଡୁଅ ରଙ୍ଗ ବଦଳାଉଛି। ବରଂ ଫୋଟୋନିକ କ୍ରିଷ୍ଟାଲର ପରସ୍ତ ପ୍ରକାଶର ରିଫ୍ଲେକ୍ସନ କରାଇଥାଏ।

ଆବେଗ, ପ୍ରକାଶ ଓ ତାପମାତ୍ରା ପାଇଁ ବି ଏଣ୍ଡୁଅର ରଙ୍ଗ ବଦଳିଥାଏ। କାରଣ ଯେବେ ଏଣ୍ଡୁଅର କୋଷଗୁଡ଼ିକ ସଙ୍କୁଚିତ ଓ ପ୍ରସାରିତ ହୁଏ ତା'ର ଦାନାଦାର ପିଗମେଣ୍ଟ ରଙ୍ଗ ବଦଳିଲା ପରି ଦେଖାଯାଏ। ଯେମିତିକି ଏଣ୍ଡୁଅକୁ ଯେବେ କ୍ରୋଧ ଆସେ ଅବା ଡର ଲାଗେ ତା'ର ନର୍ଭସ ସିଷ୍ଟମ ଏହାର କୋଷିକାଗୁଡ଼ିକୁ ବାର୍ତ୍ତା ପଠାଇଥାଏ। ଏଥିପାଇଁ ଏଣ୍ଡୁଅର ରଙ୍ଗ କଳା ହୋଇଯାଏ। ଏହାବାଦ୍ ଉତ୍ତେଜନା ଓ ଭୟ ସମୟରେ ତ୍ୱଚାରେ ହଳଦିଆ ରଙ୍ଗର ଦାଗ ଦେଖାଯାଏ। ତାପମାତ୍ରା ପରିବର୍ତ୍ତନରେ ବି ଏଣ୍ଡୁଅ ଶରୀରର ରଙ୍ଗ ବଦଳିଥାଏ। ସୂର୍ଯ୍ୟଙ୍କ ଉତ୍ତାପ ପ୍ରଖର ହେଲେ ଏଣ୍ଡୁଅ କଳାରଙ୍ଗର ହୋଇଯାଆନ୍ତି। ତେବେ ଯଦି ଅନ୍ଧାରରେ ଗରମ ହୁଏ ତା'ର ଶରୀର ସବୁଜ ରଙ୍ଗର ହୋଇଥାଏ।

**ଶୋଇବା ସମୟରେ ରଙ୍ଗ:** ଏଣ୍ଡୁଅ ଯେବେ ଶୁଅନ୍ତି ରଙ୍ଗ ନିୟନ୍ତ୍ରଣ ଶିଥିଳ ହୋଇଯାଏ। ଫଳରେ ଶୋଇଥିବା ଏଣ୍ଡୁଅର ରଙ୍ଗ ବହୁତ ହାଲୁକା ହୋଇଯାଏ। ଏହା ଏଥିପାଇଁ ହୁଏ ଯେ, ପ୍ରକାଶକୁ ଅବଶୋଷିତ କରୁଥିବା କିଛି ବର୍ଣ୍ଣ କୋଷିକା ଶିଥିଳ ହୋଇଯାଇଥାଏ।

ରଙ୍ଗ ବଦଳୁଥିବା କାରଣରୁ ବହୁରୂପୀ ଏଣ୍ଡୁଅ କୀଟପତଙ୍ଗଙ୍କୁ ଧୋକା ଦେଇ ସହଜରେ ଶିକାର କରିପାରେ। ଏହାବାଦ୍ ଏଣ୍ଡୁଅ କେବେ କେବେ ନିଜ ସାଥୀକୁ ସଙ୍କେତ ଦେବା ପାଇଁ ମଧ୍ୟ ରଙ୍ଗ ବଦଳାଇଥାଏ।

# ଏଣ୍ଡୁଅ ରଙ୍ଗ ବଦଳାଏ କେମିତି



# କିପରି କଟିବ ଆଜିର ଦିନ

୮ ମାର୍ଚ୍ଚ ୨୦୨୬

**ମେଷ:** ବହୁତ ଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଆଶା ରହିଛି। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କୌଣସି ଗୁରୁତ୍ୱପୂର୍ଣ୍ଣ କାମର ସମାଧାନ ସକାଶେ ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**ବୃଷ:** ବନ୍ଧୁଙ୍କ ପରିହାସଯୁକ୍ତ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। ଅସାବଧାନତା ହେତୁ କେତେକ ବ୍ୟତିକ୍ରମ ଦେଖାଦେବ। ବନ୍ଧୁମାନଙ୍କ ସମାଲୋଚନାର ଶରବ୍ୟ ହୋଇ ମାନସିକ ଅଶାନ୍ତିରେ ସମୟ କାଟିବେ।

**ମିଥୁନ:** ଖଳ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ଗୃହ, ଜମିଜମା, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସୁଫଳ ପାଇବେ। ଅଭାବ ଥିଲେ ମଧ୍ୟ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ କାମ ଅଟକିବ ନାହିଁ।

**କର୍କଟ:** ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧା ଭୋଗିବେ। ଅଫିସରେ ପରିସ୍ଥିତି ବାସ୍ତବରେ ସେପରି କିଛି ଜଟିଳ ହେବନି। କୌଣସି ଧାର୍ମିକ ଅନୁଷ୍ଠାନ ସହିତ ଜଡିତ ରହି ବ୍ୟସ୍ତତା ଅନୁଭବ କରିବେ।

**ସିଂହ:** ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବ। କରଜ ଅଥବା ଭଡ଼ା ସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇପାରିବେ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଫଳରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ।

**କନ୍ୟା:** କର୍ମକ୍ଷେତ୍ରରେ ସଂଯମତା ରକ୍ଷା ନକଲେ ବିବାଦଗ୍ରସ୍ତ ହେବେ। ନିଜ ଲୋକମାନେ ସ୍ୱାର୍ଥସାଧନ ଆଶାରେ ଆପଣଙ୍କ ଗୁଣଗାନ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ତୁଳା:** ଫେରନ୍ତା ବାଟରେ ଜଣେ ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବାର ସୂଚନା ରହିଛି। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ।

**ବିଛା:** କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ, ଏଣୁ ସାମୟିକ ବିଷାଦଗ୍ରସ୍ତ ହୋଇପାରନ୍ତି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ ।

**ଧନୁ:** କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମ, ସଭାସମିତି, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣାର କୁଫଳ ଭୋଗିବାକୁ ପଡ଼ିପାରେ।

**ମକର:** ପରିବାରରେ ପିଲାଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନଦେଖି ଓ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ସାମାନ୍ୟ ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାର ଆଶା ରହିଛି।

**କୁମ୍ଭ:** ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହୋଇପାରନ୍ତି। ବ୍ୟବସାୟରେ ଲାଭ ମିଳିବ, କିନ୍ତୁ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ। କୌଣସି ଜିନିଷ ଅନ୍ୟ ସ୍ଥାନରେ ରଖି ଖୋଜିବା ସମୟରେ ପାଇପାରିବେ ନାହିଁ।

**ମୀନ:** ବହୁ ପ୍ରତୀକ୍ଷିତ ଖବର ଆଜି ପାଇବେ। ରାଜନୀତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରେଇଲେ ବିବାଦ ଭିତରକୁ ଟଣା ହୋଇପାରନ୍ତି।

୮ ମାର୍ଚ୍ଚ, ୨୦୨୬

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

**PRATIDIN Odia Daily**

ସବୁବେଳେ ଆପଣଙ୍କ ସାଥିରେ

## ପୋଖରୀରେ ବୁଡ଼ିଗଲେ ଦୁଇ ଶିଶୁ କନ୍ୟା

**କପ୍ତିପଦା,୭।୩(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଥାନା ଅନ୍ତର୍ଗତ ନଛିପୁର ଗାଁରେ ପୋଖରୀରେ ବୁଡ଼ି ଦୁଇ ଶିଶୁ କନ୍ୟାଙ୍କର ମୃତ୍ୟୁ ହୋଇଛି। ଜଣଙ୍କର ବୟସ ୫ ବର୍ଷ ଓ ଅନ୍ୟଜଣଙ୍କର ବୟସ ୮ ବର୍ଷ। ସ୍କୁଲରୁ ଫେରି ଦୁହେଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କରି ଦୁହିଁଙ୍କୁ ପୋଖରୀରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ସେମାନଙ୍କୁ ନିକଟସ୍ଥ ମେଡ଼ିକାଲରେ ନିଆଯାଇଥିଲା। କିନ୍ତୁ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

BERHAMPUR BROILER TRADERS ASSOCIATION



CONSUMER RATE

Live Bird : Rs. 150/-@Kg.
Without Skin : Rs. 290/-@Kg.

Date 8.3.2026

# ବେଙ୍ଗଲରେ ରାଷ୍ଟ୍ରପତିଙ୍କୁ ଅସମ୍ମାନ

## ପ୍ରୋଟୋକଲ ଉଲ୍ଲଂଘନକୁ ନେଇ ମମତା ସରକାରଙ୍କ ଉପରେ ବର୍ଷିଲେ ରାଷ୍ଟ୍ରପତି

**କୋଲକାତା,୭।୩(ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟର ମମତା ବାନାର୍ଜୀ ସରକାରଙ୍କ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଶନିବାର ଦିନ ଉତ୍ତର ବଙ୍ଗାଳରେ ନବମ ଆନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ଯୋଗ ଦେବାକୁ ଯାଇଥିବା ବେଳେ ପ୍ରୋଟୋକଲ ଉଲ୍ଲଂଘନ ଏବଂ କାର୍ଯ୍ୟକ୍ରମ ସ୍ଥଳ ପରିବର୍ତ୍ତନକୁ ନେଇ ସେ ନିରାଶା ବ୍ୟକ୍ତ କରିଛନ୍ତି।

ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ନିୟମ ଅନୁଯାୟୀ ରାଜ୍ୟର ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀ ତାଙ୍କୁ ସ୍ୱାଗତ କରିବାକୁ ଉପସ୍ଥିତ ରହିବା କଥା, କିନ୍ତୁ କେହି ନଥିଲେ। ବିମାନବନ୍ଦରରେ କେବଳ ଶିଲିଗୁଡ଼ିର ମେୟର ଗୌତମ ଦେବ ଉପସ୍ଥିତ ଥିଲେ। ଭେନ୍ୟୁ ମଧ୍ୟ ପରିବର୍ତ୍ତନ ହୋଇଥିଲା। ଏହି କାର୍ଯ୍ୟକ୍ରମ ପ୍ରଥମେ ଶିଲିଗୁଡ଼ିର ବିଧାନନଗରରେ ଥିବା ଏକ ବଡ଼ ପଡ଼ିଆରେ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ସୁରକ୍ଷା କାରଣ ଦର୍ଶାଇ ପ୍ରଶାସନ ଏହାକୁ ବାଗଡୋଗ୍ରା ବିମାନବନ୍ଦର ନିକଟସ୍ଥ ଗୋସାଇଁପୁରର ଏକ ଛୋଟ ସ୍ଥାନକୁ ସ୍ଥାନାନ୍ତର କରିଥିଲା। ଗୋସାଇଁପୁର ଭେନ୍ୟୁରେ ଅନେକ ଚେୟାର ଖାଲି ପଡ଼ିଥିଲା। ସୁରକ୍ଷା ପାସ୍ ନଥିବା ଦର୍ଶାଇ ପୋଲିସ ଅନେକ ଆଦିବାସୀ ଓ ସାନ୍ତାଳ ଲୋକଙ୍କୁ କାର୍ଯ୍ୟକ୍ରମରେ ସାମିଲ ହେବାରୁ ଅଟକାଇଥିବା ଆୟୋଜକମାନେ ଅଭିଯୋଗ କରିଛନ୍ତି।

ଏ ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି। ମମତା ସରକାରଙ୍କ ଉପରେ ବର୍ଷିଛନ୍ତି। କାର୍ଯ୍ୟକ୍ରମ ଶେଷ ହେବା ପରେ ରାଷ୍ଟ୍ରପତି ମଧ୍ୟ ଅସଲ ଭେନ୍ୟୁ ବିଧାନନଗର ପରିଦର୍ଶନରେ ଯାଇଥିଲେ। ସେ କହିଛନ୍ତି, ଏହି ସ୍ଥାନରେ



୫ ଲକ୍ଷ ଲୋକ ଆରାମରେ ଏକାଠି ହୋଇପାରିଥାନ୍ତେ। ଏପରି ଏକ ସ୍ଥାନ ବାଛିଲେ ଯେଉଁଠିକୁ ସାନ୍ତାଳମାନେ ଯାଇପାରିବେନାହିଁ। ରାଷ୍ଟ୍ରପତି ମଧ୍ୟ କହିଛନ୍ତି, ମମତା ମୋ ଭଉଣୀ ପରି, ମୁଁ ମଧ୍ୟ ବେଙ୍ଗଲର ଝିଅ, ସେ ମୋ ଉପରେ କାହିଁକି ରାଗିଛନ୍ତି ମୁଁ ଜାଣିନି। ରାଷ୍ଟ୍ରପତିଙ୍କ ପ୍ରତି ଏପରି ଆଚରଣକୁ ନେଇ ବିଜେପି ଏବଂ କଂଗ୍ରେସ ମମତା ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଏହା ଏକ ଅପମାନ ବୋଲି କହିଛନ୍ତି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭୋଟର ତାଲିକାରୁ ନାମ କାଟିବା ପ୍ରସଙ୍ଗରେ କୋଲକାତାରେ ଏକ ଧାରଣାରେ ବସିଥିବା ସୂଚନା ମିଳିଛି।

## ନେପାଳର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ବଲେନ୍ଦ୍ର ଶାହା



**କାଠମାଣ୍ଡୁ,୭।୩(ଏଜେନ୍ସି):** ନେପାଳ ପାର୍ଲାମେଣ୍ଟ ନିର୍ବାଚନରେ ବଲେନ୍ଦ୍ର ଶାହାଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆରଏସ୍‌ପି) ସଂଖ୍ୟାଗରିଷ୍ଠତା ହାସଲ କରିଛି। ପାର୍ଲାମେଣ୍ଟର ୧୬୫ଟି ଆସନ ପାଇଁ ଭୋଟ ଗ୍ରହଣ ହୋଇଥିବାବେଳେ ଆରଏସ୍‌ପି ୧୧୪ଟି ଆସନରେ ବିଜୟୀ ହୋଇ ସରକାର ଗଠନ କରିବାକୁ ଯାଉଛି। ସେ ନେପାଳର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ବଲେନ୍ଦ୍ରଙ୍କ ବିଜୟ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ବଲେନ୍ଦ୍ରଙ୍କ ବିରୋଧରେ ପୂର୍ବତନ ପ୍ରଧାନମନ୍ତ୍ରୀ କେ ପି ଶର୍ମା ଓଲି ପ୍ରାର୍ଥୀ ହୋଇଥିଲେ। ବଲେନ୍ଦ୍ର କାଠମାଣ୍ଡୁର ପୂର୍ବତନ ମେୟର। ନେପାଳ ପାର୍ଲାମେଣ୍ଟର ମୋଟ ୨୭୫ ଆସନ ମଧ୍ୟରୁ ୧୬୫ଟି ପାଇଁ ଭୋଟଗ୍ରହଣ ହୋଇଛି। ଅବଶିଷ୍ଟ ୧୧୦ ଆସନ ପାଇଁ ପ୍ରପର୍ସନାଲ ରିପ୍ରେଜେଣ୍ଟେସନ ପଦ୍ଧତି ଗ୍ରହଣ କରାଯାଉଥିବାବେଳେ ଏଥିରେ ୩୧୩୫ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଗତବର୍ଷ ନେପାଳରେ ଜେନ୍-ଜେଡ୍‌ର ପ୍ରବଳ ବିକ୍ଷୋଭ ଫଳରେ କେ ପି ଶର୍ମା ଓଲିଙ୍କ ସରକାରର ପତନ ଘଟିଥିଲା। ନେପାଳ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ସୁଶୀଳା କାର୍କିଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଥିଲା।

## ଜନ ଔଷଧି ଦିବସ ଅବସରରେ ମୋଦୀଙ୍କ ଶୁଭେଚ୍ଛା

**ନୂଆଦିଲ୍ଲୀ,୭।୩(ନି.ପ୍ର):** ଜନ ଔଷଧି ଦିବସ ୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଦ୍ୱାରା ସକାରାତ୍ମକ ଭାବେ ଉପକୃତ ହୋଇଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୋଦୀ କହିଛନ୍ତି, ପ୍ରତ୍ୟେକ ନାଗରିକ ସୁଲଭ ମୂଲ୍ୟରେ ଗୁଣାତ୍ମକ ମାନର ଔଷଧ ପାଇବା ସୁନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜନ ଔଷଧି କେନ୍ଦ୍ର ମାଧ୍ୟମରେ ଅଗଣିତ ପରିବାର ସ୍ୱାସ୍ଥ୍ୟସେବା ଖର୍ଚ୍ଚ ସଞ୍ଚୟ କରୁଛନ୍ତି ଏବଂ ସଠିକ୍ ଚିକିତ୍ସା ପାଉଛନ୍ତି।



ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନାର ପରିବର୍ତ୍ତନଶୀଳ ପ୍ରଭାବର ଏକ ଝଲକ ଶେୟାର କରିଛନ୍ତି। ସେ 'ଏକ୍ସ'ରେ ଲେଖିଛନ୍ତି, ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା ଦ୍ୱାରା ସକାରାତ୍ମକ ଭାବେ ଉପକୃତ ହୋଇଥିବା ସମସ୍ତଙ୍କୁ ଜନ ଔଷଧି ଦିବସ ୨୦୨୬ ଅବସରରେ ମୋର ଶୁଭେଚ୍ଛା। ପ୍ରତ୍ୟେକ ନାଗରିକ ସୁଲଭ ମୂଲ୍ୟରେ ଗୁଣାତ୍ମକ ମାନର ଔଷଧ ପାଇପାରିବେ ବୋଲି ସୁନିଶ୍ଚିତ କରିବା ଲାଗି ଏହି ପଦକ୍ଷେପ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଜନ ଔଷଧି କେନ୍ଦ୍ର ମାଧ୍ୟମରେ ଅସଂଖ୍ୟ ପରିବାର ସ୍ୱାସ୍ଥ୍ୟସେବା ଖର୍ଚ୍ଚରେ ସଞ୍ଚୟ କରୁଛନ୍ତି ଏବଂ ଉପଯୁକ୍ତ ଚିକିତ୍ସା ପାଉଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସାତ୍ତ୍ୱିକ ସତ୍ୟକାମ



**ଭୁବନେଶ୍ୱର,୭।୩(ନି.ପ୍ର):** ସର୍ବ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ୧୦୦ତମ ସ୍ଥାନ ହାସଲ କରିଛନ୍ତି ଓଡ଼ିଶାର ସାତ୍ତ୍ୱିକ ସତ୍ୟକାମ। ସେ କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ୍‌ର ମେଧାବୀ ଛାତ୍ର। ସାତ୍ତ୍ୱିକ ତାଙ୍କ ପିତାମାତାଙ୍କ ସହ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଦେଶ ଓ ସମାଜର ଉନ୍ନତି ପାଇଁ ନିଷ୍ଠାର ସହିତ କାମ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଭଳି ସଫଳତା ରାଜ୍ୟର ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହେବ। ଲୋକଙ୍କ ସେବା କରିବା ହିଁ ପ୍ରଶାସନିକ ସେବାର ମୂଳ ଲକ୍ଷ୍ୟ।

# ମହିଳା ଦିବସରେ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୭।୩(ନି.ପ୍ର):** ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ମିଳିବ ସୁଭଦ୍ରା ଟଙ୍କା। ଏହା ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି। ପୁରୀର ତାଳବଣିଆରେ ଏକ ବିଶାଳ କାର୍ଯ୍ୟକ୍ରମରେ ଏହି କିସ୍ତି ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ ମହିଳା ସୁଭଦ୍ରା ଯୋଜନାରେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ। ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଯିବ। ୨ ଲକ୍ଷ ୧୩ ହଜାର ନୂଆ ହିତାଧିକାରୀ ମଧ୍ୟ ଏଥର ସୁଭଦ୍ରା ଟଙ୍କା ପାଇବେ। ପୁରୀର ତାଳବଣିଆରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମସ୍ତ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ। ୨ ଲକ୍ଷ ୧୩ ହଜାର ୧୯୮



ଜଣ ନୂଆ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବେ। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ହିତାଧିକାରୀଙ୍କ ତାଲିକା ବଦଳିବା ଏକ ନିରନ୍ତର ପ୍ରକ୍ରିୟା। ଯେଉଁମାନଙ୍କ ବୟସ ୨୧ ବର୍ଷ ହେବ ସେମାନେ ଏହି ଯୋଜନାରେ ସାମିଲ ହେବେ। ଯେଉଁମାନଙ୍କ ବୟସ ୬୦ ଟପିଯିବ ସେମାନେ ଏହି ଯୋଜନାରେ ବାଦ୍ ପଡ଼ିବେ ଓ ପେନସନ ଯୋଜନାରେ ସାମିଲ ହେବେ।

## ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି : ଯୋଗାଣ ମନ୍ତ୍ରୀ

**ଭୁବନେଶ୍ୱର,୭।୩(ନି.ପ୍ର):** ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଥିଲେ ବି ଭାରତରେ ଏହାର ଦର ସ୍ଥିର ରହିଛି। ରୁଷରୁ ମଧ୍ୟ ଭାରତ ତେଲ ଆଣିବା ପାଇଁ ଆମେରିକା ରାଷ୍ଟ୍ରପତି ୩୦ ଦିନ ସମୟ ଦେଇଛନ୍ତି। ୯୦ ଡଲାର ପାର୍ ହୋଇଯାଇଛି ବିଶ୍ୱ ବଜାରରେ ତୈଳ ଦର ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା



କହିଛନ୍ତି ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ଯୁଦ୍ଧ ପାଇଁ ଏହାର ପ୍ରଭାବ ଆମ ଉପରେ ନାହିଁ। ପେଟ୍ରୋଲ ଟାଙ୍କିଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ମହଜୁଦ ରହିଛି। କୌଣସି ବିଭ୍ରାନ୍ତିକର ଖବରକୁ ବିଶ୍ୱାସ କରନ୍ତୁ ନାହିଁ। ଅଧିକ ପରିମାଣର ତୈଳ ନେଇ ଘରେ ମଧ୍ୟ ମହଜୁଦ ରଖନ୍ତୁ ନାହିଁ।

## ୧୩୦ ମାଓବାଦୀଙ୍କ ଆତ୍ମସମର୍ପଣ

**ହାଇଦ୍ରାବାଦ,୭।୩(ଏଜେନ୍ସି):** ପାଖେଇ ଆସୁଛି ମାର୍ଚ୍ଚ ୩୧ ଡେଡ୍‌ଲାଇନ। ଦେଶ ମାର୍ଚ୍ଚ ୩୧ ସୁଦ୍ଧା ମାଓମୁକ୍ତ ହେବାକୁ ଘୋଷଣା କରାଯାଇଛି। ମାଓବାଦୀଙ୍କୁ ଆତ୍ମସମର୍ପଣ କରି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦିଆଯିବାସହ ସେମାନଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରାଯାଇଛି। ଏହା ସେମାନଙ୍କ ପାଇଁ ଆତ୍ମସମର୍ପଣ କରିବାର ଶେଷ ସୁଯୋଗ। ବହୁ ମାଓବାଦୀ ମଧ୍ୟ ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି।



ହାଇଦ୍ରାବାଦରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି ୧୩୦ ମାଓବାଦୀ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆତ୍ମସମର୍ପଣ କରି ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ମାଓବାଦୀମାନେ ଆତ୍ମସମର୍ପଣ ସମୟରେ ୧୨୪ଟି ଅତ୍ୟାଧୁନିକ ବନ୍ଧୁକ ମଧ୍ୟ ହସ୍ତାନ୍ତର କରିଛନ୍ତି। ସେଥିମଧ୍ୟରେ ରହିଛି ଇନସାସ ଏଲଏମଜି ରାଇଫଲ ଗୋଟିଏ, ୩୧ଟି ଏକେ-୪୭, ୨୧ଟି ଇନସାସ, ୨୦ଟି ଏସଏଲଆର, ୧୮ଟି ୩୦୩, ୯ ଏମ୍‌ଏମ୍ ପିସ୍ତଲ ଗୋଟିଏ, ୮ ଏମ୍‌ଏମ୍ ଦୁଇଟି, ୧୮ଟି ସିଙ୍ଗଲ ଶଟ୍ ବନ୍ଧୁକ, ୨ଟି ବିଜିଏଲ ସମେତ ଅନ୍ୟ ଅସ୍ତ୍ରଶସ୍ତ୍ର। ସମସ୍ତ ମାଓବାଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବାକୁ କୁହାଯାଇଛି।

## କୋଲାବରେ ବୁଡ଼ିଗଲେ ଦଶମ ଶ୍ରେଣୀର ୩ ଛାତ୍ର

**କୋରାପୁଟ,୭।୩(ନି.ପ୍ର):** କୋଲବ ଜଳଭଣ୍ଡାରରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ଜଳଭଣ୍ଡାରେ ବୁଡ଼ି ୩ ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଛି। ମୃତକ ଛାତ୍ର ଲିଙ୍ଗରାଜ ଖିଲୋ, ଓମ୍‌ପ୍ରକାଶ ବେହେରା ଓ ସ୍ୱସ୍ଥିତ ସୁନ୍ଦର ହାଲୱା ବୋଲି ଜଣାପଡ଼ିଛି। ଏହି ୩ ଛାତ୍ର କୋରାପୁଟ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟର। ନିକଟରେ ସେମାନେ ମାଟ୍ରିକ ପରୀକ୍ଷା ଦେଇଥିଲେ। ଏହି ଘଟଣାରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ (ସିବିଏସଇ) ଦଶମ ବୋର୍ଡ଼ ପରୀକ୍ଷା ପରେ ନବୋଦୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାଛରା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇ ନିଜ ସ୍କୁଲକୁ ଫେରିଥିଲେ। ବସ୍‌ରେ ଫେରିବା ସମୟରେ ହିଁ ପିଲାମାନେ ଖୁସିରେ ହୋଲି ଖେଳିଥିଲେ। ତେବେ ଏହି ଖୁସି ଅଧିକ ସମୟ ରହିନଥିଲା। ନବଦୋୟ ବିଦ୍ୟାଳୟ ପଛପଟେ ଥିବା କୋଲାବ ଜଳଭଣ୍ଡାରେକୁ ଗାଧୋଇବା ପାଇଁ ଯାଇ ଏହି ୩ ଛାତ୍ର ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ।

## ୯ ଯାଏ ବିଜୁଳି ଘଡ଼ଘଡ଼ି ସହ ବର୍ଷା

**ଭୁବନେଶ୍ୱର,୭।୩(ନି.ପ୍ର):** ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ୯ ତାରିଖ ଯାଏ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବିଜୁଳି ଘଡ଼ଘଡ଼ିର ସମ୍ଭାବନା ମଧ୍ୟ ରହିଛି। ୮ ତାରିଖରୁ ବର୍ଷା ଲାଗି ରହିବ। ୮ ପାଇଁ ୧୨ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ହେଉଛି ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା,

### ୧୦ରେ ପାଗ ଶୁଖିଲା

ଜଗତସିଂହପୁର, କଟକ, ଖୋର୍ଦ୍ଧା ଓ ପୁରୀ। ଅନ୍ୟ ୧୮ଟି ଜିଲ୍ଲାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ରହିଛି। ୯ ତାରିଖରେ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣି ଜାରି ହୋଇଥିବାବେଳେ ୧୦ ତାରିଖରେ ପାଗ ଶୁଖିଲା ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଶୁକ୍ରବାର ଲଗାତାର ଦ୍ୱିତୀୟ ଦିନ ପାଇଁ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ସର୍ବାଧିକ ତାପମାତ୍ରା ୩୯.୬ ଡ଼ିଗ୍ରୀ ରେକର୍ଡ଼ ହୋଇଥିବାବେଳେ ୫ ସ୍ଥାନରେ ୩୭ ଡ଼ିଗ୍ରୀ ଟପିଥିଲା।

## ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

**କେନ୍ଦ୍ରାପଡ଼ା,୭।୩(ନି.ପ୍ର):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସହକାରୀ ଯନ୍ତ୍ରୀ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରାପଡ଼ା ଛତା ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ ଘରେ ଭିଜିଲାନ୍ସ ଚଢାଉ ହୋଇଛି। ଢ଼େରାବିଶ ଛତା ଛକରେ ଜଳସମ୍ପଦ କାର୍ଯ୍ୟାଳୟରେ



ଭିଜିଲାନ୍ସର ଏକ ୫ ଜଣିଆ ଟିମ୍ ଚଢାଉ କରିଛନ୍ତି । ସହକାରୀ ଯନ୍ତ୍ରୀଙ୍କ ଅଫିସ ଓ ପୈତୃକ ଘର ସମେତ ୭ ଟି ସ୍ଥାନରେ ରେଡ୍ ଚାଲିଛି । କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ, ଭଦ୍ରକ ଓ ଭୁବନେଶ୍ୱରରେ ଏକକାଳୀନ ହେଉଛି ଚଢାଉ। ଚଢାଉ ବେଳେ ନଗଦ ଟଙ୍କା ସହ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ ଅଫିସ କାଗଜପତ୍ର ଜବତ ହୋଇଛି। ପୂର୍ବରୁ ପ୍ରମୋଦ ରାୟ କେନ୍ଦ୍ରାପଡ଼ା ଇନ୍ଦୁପୁର ସ୍ଥିତ ଜଳସମ୍ପଦ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏବେ ଛତା ଛକ କାର୍ଯ୍ୟାଳୟରେ କାର୍ଯ୍ୟରତ। ଚଢାଉରେ ୨ଜଣ ଅତିରିକ୍ତ ଏସ୍‌ପି, ୯ ଜଣ ଡ଼ିଏସ୍‌ପି, ୯ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇ ଓ ଭିଜିଲାନ୍ସ କର୍ମଚାରୀ ସାମିଲ ଅଛନ୍ତି । କଟକ ଭିଜିଲାନ୍ସ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଚଢ଼ାଉ ଜାରି ରହିଛି।

# ସରେଣ୍ଡର କରିବନି ଇରାନ

**ନୂଆଦିଲ୍ଲୀ,୭।୩(ନି.ପ୍ର):** ମଧ୍ୟପ୍ରାଚ୍ୟରେ ଜାରି ରହିଛି ମହାଯୁଦ୍ଧ। ଇରାନ ଉପରେ ମିଳିତ ଭାବେ ଆକ୍ରମଣ କରୁଛନ୍ତି ଇସ୍ରାଏଲ ଓ ଆମେରିକା। ଇରାନ ବି ପାଲଟା ଜବାବ ଦେଉଛି। ଏକୁଟିଆ ଲଢ଼ିବା ସହ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ ଆମେରିକାର ଏୟାର ବେସ୍ ଉପରେ ମଧ୍ୟ ହମ୍‌ଲା କରୁଛି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିଧା ସିଧା ଇରାନକୁ ସରେଣ୍ଡର କରିବାକୁ କହିଛନ୍ତି। ଆଉ ଆଲୋଚନା ହେବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ସରେଣ୍ଡର ନକଲେ ପରିଣତି ଭୟାବହ ହେବ ବୋଲି ଧମକ ଦେଇଛନ୍ତି। ଆମେରିକୀୟ ସିନେଟ୍‌ରେ ଇରାନ ଯୁଦ୍ଧ ରୋକିବା ପାଇଁ ଏକ ପ୍ରସ୍ତାବ ଆସିଥିଲା। ପ୍ରସ୍ତାବରେ କୁହାଯାଇଥିଲା ଯେ, ଯେପର୍ଯ୍ୟନ୍ତ ଆମେରିକୀୟ କଂଗ୍ରେସ ଏହି ସୈନ୍ୟ ଅଭିଯାନକୁ ଔପଚାରିକ ଭାବେ ମଞ୍ଜୁରୀ ନଦେଇଛି ସେପର୍ଯ୍ୟନ୍ତ ଇରାନ ବିରୁଦ୍ଧରେ ଆମେରିକା ସେନା ଫେରିଆସିବା ଅନିବାର୍ଯ୍ୟ ହେବ। କିନ୍ତୁ ଏହି ପ୍ରସ୍ତାବକୁ ସମର୍ଥନ ମିଳିନଥିଲା। ରିପବ୍ଲିକାନ ପାର୍ଟି ପ୍ରସ୍ତାବ ସପକ୍ଷରେ ୫୩ ଭୋଟ୍ ପଡ଼ିବା ଫଳରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ନିଷ୍ପତ୍ତିକୁ ବ୍ୟାପକ ସମର୍ଥନ ମିଳିଥିଲା। ଫଳରେ ଏହି ପ୍ରସ୍ତାବ ପାରିତ ହୋଇନଥିଲା।



ଏବେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଇରାନ ସରେଣ୍ଡର କରିବ ନାହିଁ, ଶେଷ ପର୍ଯ୍ୟନ୍ତ ଲଢ଼ିବ। ନିଜ ଦେଶବାସୀଙ୍କୁ ଏକଜୁଟ ହୋଇ ବର୍ତ୍ତମାନ ସମୟରେ ଦେଶ ସାଙ୍ଗରେ ଠିଆ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ଇରାନ ରାଷ୍ଟ୍ରପତି କ୍ଷମା ପ୍ରାର୍ଥନା କରିଛନ୍ତି। କହିଛନ୍ତି, କୌଣସି ଦେଶ ଉପରେ ଆକ୍ରମଣ କରିବାର ଆଗ୍ରହ ନାହିଁ ଇରାନର। କିନ୍ତୁ ଆମର କ୍ଷତି ଘଟାଇଲେ ଛାଡ଼ିବୁ ନାହିଁ। ଇସ୍ରାଏଲ ଓ ଆମେରିକାର ହାତବାରିସି ନହେବାକୁ ମଧ୍ୟ ଇରାନ ରାଷ୍ଟ୍ରପତି ପଡ଼ୋଶୀ ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି।

## କୋଲକାତାରେ ଓଡ଼ିଶା ଉତ୍ସବ

### ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧକୁ ବିଶ୍ୱବିଦିତ କରିବ

**ଭୁବନେଶ୍ୱର,୭।୩(ନି.ପ୍ର):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଯାଉଛି ଓଡ଼ିଶା ଉତ୍ସବ। ମାର୍ଚ୍ଚ ୮ରେ କୋଲକାତାରେ ନ୍ୟାସନାଲ ଲାଇବ୍ରେରୀ ଅଡ଼ିଟୋରିୟମ୍‌ରେ ଆୟୋଜିତ ହେବ ଓଡ଼ିଶା ଉତ୍ସବ। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପଶ୍ଚିମ ବଙ୍ଗର ଓଡ଼ିଆ ସାହିତ୍ୟିକ ଏବଂ ପ୍ରବାସୀ ଓଡ଼ିଆ ସଂଗଠନମାନଙ୍କୁ ସମ୍ବର୍ଦ୍ଧିତ କରିବେ। ଓଡ଼ିଶା ଉତ୍ସବରେ ଓଡ଼ିଶାର ଲୋକକଳା, ସମୃଦ୍ଧ ଐତିହ୍ୟ ଓ ପରମ୍ପରା, ପାରମ୍ପରିକ ଖାଦ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଆଦି ପ୍ରଦର୍ଶିତ ହେବ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ସାହିଯାତ, ଛଉ, ଘୁମୁରା, ଢେମସା, ପଶୁମୁଖା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିବେ।

ଓଡ଼ିଶା ଉତ୍ସବର ଆୟୋଜନକୁ ନେଇ ସଂସ୍କୃତି ମନ୍ତ୍ରୀ କହିଛନ୍ତି, ଓଡ଼ିଶା କଳା ଓ ସଂସ୍କୃତିର ମାଟି। ଆମ ସଂସ୍କୃତିକୁ ବିଶ୍ୱବିଦିତ କରିବା ଆମର ଲକ୍ଷ୍ୟ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଥମଥର ପାଇଁ ଓଡ଼ିଶା ଉତ୍ସବ



କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ସାଂସ୍କୃତିକ ଭାବବିନିମୟ ପାଇଁ ଓଡ଼ିଶା ଉତ୍ସବ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିବ। ଏଥିସହ ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧ, ଚାଲି ଚଳଣି, ଗାଥା ଗୌରବ ଓ ଆମ ପରମ୍ପରା ସହ ସମସ୍ତଙ୍କୁ ପୁନଃ ସଂଯୋଜିତ କରିବା ସହ ଏହାର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ଓଡ଼ିଶା ଉତ୍ସବ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

**ଅନୁଚିହ୍ନ** ମାତାମାନେ ହୁଅନ୍ତୁ, ପତ୍ନୀ ସୀତା ଦେବୀ ହୁଅନ୍ତୁ କିମ୍ବା ଶୁର୍ପଣଖା, ପ୍ରଭୁ ଶ୍ରୀରାମଙ୍କ ଜୀବନ ସ୍ତ୍ରୀ ଶକ୍ତିରେ ଦେଦୀପ୍ୟମାନ ।

## ସମ୍ପାଦକୀୟ

# ଝିଅମାନେ ଆଗରେ

ଅଧିକ ବେତନର ଚାକିରି ପାଇଁ ଆଗ୍ରହ ପ୍ରକାଶ କରୁଥିବା ପୁଅମାନେ ଆଗରେ ରହିଥିବାବେଳେ ରୋଜଗାର ଯୋଗ୍ୟତା ମାମଲାରେ ପୁରୁଷ ପ୍ରାର୍ଥୀ ମହିଳା ପ୍ରାର୍ଥୀଙ୍କଠାରୁ କେଇ ପାଦ ଆଗରେ ରହିଛନ୍ତି । କିନ୍ତୁ ସାମଗ୍ରିକ ତଥ୍ୟ ଦୃଷ୍ଟିରୁ ପୁଅଙ୍କ ତୁଳନାରେ ଝିଅମାନେ ରହିଛନ୍ତି ଆଗରେ। 'ଗ୍ଲୋବାଲ କ୍ୟାଲେଣ୍ଟ ମୋବିଲିଟି : ଇଣ୍ଡିଆଜ୍ ଡିକେଡ୍' ଶୀର୍ଷକରେ ଜାରି ୨୦୨୫ରେ ହ୍ୱିବକ୍ସ ଇଣ୍ଡିଆ ସ୍କିଲ୍ସ ରିପୋର୍ଟ ଅନୁଯାୟୀ, ଅଧିକ ବେତନର ଚାକିରି ପାଇଁ ଆଗ୍ରହ ପ୍ରକାଶ କରୁଥିବା ପୁଅ ଝିଅଙ୍କ ମଧ୍ୟରେ ୨୦୧୯ରେ ପୁଅଙ୍କ ସଂଖ୍ୟା ୩୪.୨୬ ପ୍ରତିଶତ ରହିଥିବାବେଳେ ଝିଅଙ୍କ ସଂଖ୍ୟା ଥିଲା ୪୫.୬ ପ୍ରତିଶତ । ଏହି କ୍ରମରେ ୨୦୨୦ରେ ପୁଅଙ୍କ ସଂଖ୍ୟା ୩୪.୨୬ ପ୍ରତିଶତ ଓ ଝିଅଙ୍କ ସଂଖ୍ୟା ୪୭ ପ୍ରତିଶତ, ୨୦୨୧ରେ ପୁଅଙ୍କ ସଂଖ୍ୟା ୨୬ ପ୍ରତିଶତ ଓ ଝିଅଙ୍କ ସଂଖ୍ୟା ୪୧.୨୫ ପ୍ରତିଶତ, ୨୦୨୨ରେ ପୁଅଙ୍କ ସଂଖ୍ୟା ୪୭.୨୮ ପ୍ରତିଶତ ଓ ଝିଅଙ୍କ ସଂଖ୍ୟା ୫୩.୨୮ ପ୍ରତିଶତ, ୨୦୨୩ରେ ପୁଅଙ୍କ ସଂଖ୍ୟା ୪୭.୨୦ ପ୍ରତିଶତ ଓ ଝିଅଙ୍କ ସଂଖ୍ୟା ୫୨.୮୦ ପ୍ରତିଶତ, ୨୦୨୪ରେ ପୁଅଙ୍କ ସଂଖ୍ୟା ୫୧.୮୦ ପ୍ରତିଶତ ଓ ଝିଅଙ୍କ ସଂଖ୍ୟା ୫୦.୮୬ ପ୍ରତିଶତ ରହିଥିଲା । ୨୦୨୫ରେ ଏହି ସଂଖ୍ୟା ଯଥାକ୍ରମେ ୫୩.୪୬ ପ୍ରତିଶତ ଓ ୪୭.୫୩ ପ୍ରତିଶତ ରହିଛି । ବିଶେଷଜ୍ଞମାନେ ସାରା ଦେଶରେ ଅଧ୍ୟୟନ ପରେ ବେତନର ଆକାଂକ୍ଷାକୁ ପାଞ୍ଚଟି ଶ୍ରେଣୀରେ ବିଭକ୍ତ କରିଛନ୍ତି । ଏହି ଶ୍ରେଣୀ ଅନୁଯାୟୀ, ସଂଯୁକ୍ତ ଭାବେ ମାସକୁ ୩୦ରୁ ୪୦ ହଜାର ଟଙ୍କା ବେତନ ପାଇଁ ୨୭.୨୫ ପ୍ରତିଶତ ପୁଅ ଓ ୧୮.୮୬ ପ୍ରତିଶତ ଝିଅ, ୪୦ରୁ ୫୦ ହଜାର ଟଙ୍କା ବେତନ ପାଇଁ ୭.୫୬ ପ୍ରତିଶତ ପୁଅ ଓ ୯.୧୮ ପ୍ରତିଶତ ଝିଅ, ୫୦ରୁ ୬୦ ହଜାର ଟଙ୍କା ବେତନ ପାଇଁ ୬.୮୪ ପ୍ରତିଶତ ପୁଅ ଓ ୯.୪୮ ପ୍ରତିଶତ ଝିଅ, ୬୦ରୁ ୭୦ ହଜାର ଟଙ୍କା ବେତନ ପାଇଁ ୩.୩୪ ପ୍ରତିଶତ ପୁଅ ଓ ୫.୩୭ ପ୍ରତିଶତ ଝିଅ ଏବଂ ୭୦ରୁ ୮୦ ହଜାର ଟଙ୍କା ବେତନ ପାଇଁ ୬.୬୪ ପ୍ରତିଶତ ପୁଅ ଓ ୮.୨୪ ପ୍ରତିଶତ ଝିଅ ଆଗ୍ରହୀ । ରିପୋର୍ଟ ଅନୁଯାୟୀ, ଚାକିରି ପାଇଁ ଉଭୟ ପୁଅ ଓ ଝିଅ ପ୍ରାର୍ଥୀଙ୍କର ପସନ୍ଦ ହେଉଛି ୫ଟି ରାଜ୍ୟ–ତାମିଲନାଡୁ, ମହାରାଷ୍ଟ୍ର, କେରଳ, ଉତ୍ତର ପ୍ରଦେଶ ଓ କର୍ଣ୍ଣାଟକ। ଏହି ପାଞ୍ଚ ରାଜ୍ୟକୁ ମୁଖ୍ୟ ଇକୋନୋମିକ ହବ୍, ଉନ୍ନତ ଇନ୍‌ଫ୍ରାଷ୍ଟ୍ରକ୍‌ଚର ସହ ସୁଗମ ଜୀବନ ଯୋଗ୍ୟ ଦର୍ଶାଯାଇଛି। ତାମିଲନାଡୁକୁ ମଜଭୁତ ମ୍ୟାନୁଫ୍ୟାକ୍‌ଚରିଂ ଓ ଅଟୋମେଟିଭ ସେକ୍ଟର ପାଇଁ, ମହାରାଷ୍ଟ୍ର ଓ କର୍ଣ୍ଣାଟକକୁ ଆଇଟି ଏବଂ ଟେକ୍ନୋଲୋଜିର ମୁଖ୍ୟ କେନ୍ଦ୍ର ପାଇଁ, କେରଳ ଓ ଉତ୍ତର ପ୍ରଦେଶକୁ ବୃହତ ଜବ୍ ମାର୍କେଟ, ସାମାଜିକ ବିକାଶ, ସମାବେଶିତା ଓ ହେଲ୍‌ଥ କେୟାର ପାଇଁ ।

> **ରୋଜଗାର ଯୋଗ୍ୟତା ମାମଲାରେ ପୁରୁଷ ପ୍ରାର୍ଥୀ ମହିଳା ପ୍ରାର୍ଥୀଙ୍କଠାରୁ କେଇ ପାଦ ଆଗରେ ରହିଛନ୍ତି । କିନ୍ତୁ ସାମଗ୍ରିକ ତଥ୍ୟ ଦୃଷ୍ଟିରୁ ପୁଅଙ୍କ ତୁଳନାରେ ଝିଅମାନେ ରହିଛନ୍ତି ଆଗରେ। ପୂର୍ବ ତୁଳନାରେ ଭାରତ ଆହୁରି ଅଧିକ ସକ୍ଷମ ହେଉଛି ।**




ପୂର୍ବ ତୁଳନାରେ ଭାରତ ଆହୁରି ଅଧିକ ସକ୍ଷମ ହେଉଛି । ଦେଶରେ ରୋଜଗାର ଯୋଗ୍ୟତା ୫୪.୮୧ ପ୍ରତିଶତରେ ପହଞ୍ଚିଯାଇଛି । ରିପୋର୍ଟ କହୁଛି ଯେ, ୨୦୧୯ରେ ଦେଶରେ ରୋଜଗାର ଯୋଗ୍ୟତା ୪୭.୨୮, ୨୦୨୦ରେ ୪୬.୨୧, ୨୦୨୧ରେ ୪୫.୯, ୨୦୨୨ରେ ୪୬.୨, ୨୦୨୩ରେ ୫୦.୩ ଏବଂ ୨୦୨୪ରେ ୫୧.୨୫ ପ୍ରତିଶତ ରହିଥିଲା । ଗତବର୍ଷ ତୁଳନାରେ ଚଳିତବର୍ଷ ରୋଜଗାର ଯୋଗ୍ୟତା ହାର ୩.୫୬ ପ୍ରତିଶତ ବୃଦ୍ଧି ପାଇଛି । ରାଜ୍ୟଗୁଡ଼ିକର ପ୍ରଦର୍ଶନକୁ ଦେଖିଲେ ମହାରାଷ୍ଟ୍ର ରହିଛି ଶୀର୍ଷରେ । କେତେକ ସଙ୍ଗଠନ ଓ ସଂସ୍ଥାର ଭାଗିଦାରୀରେ ଗ୍ଲୋବାଲ ଏମ୍ପ୍ଲୟବିଲିଟି ଟେଷ୍ଟର ଆୟୋଜନ କରିଥିଲା ହ୍ୱିବକ୍ସ । ଏଥିରେ ଦେଶର ୨୮ ରାଜ୍ୟ, ୮ କେନ୍ଦ୍ରଶାସିତ ଅଞ୍ଚଳର ଯୁବକ ଯୁବତୀ ଭାଗ ନେଇଥିଲେ । ଏହାର ନିଷ୍କର୍ଷ ଆଧାରରେ 'ଗ୍ଲୋବାଲ କ୍ୟାଲେଣ୍ଟ ମୋବିଲିଟି : ଇଣ୍ଡିଆଜ୍ ଡିକେଡ୍' ଜାରି କରାଯାଇଛି । ରିପୋର୍ଟରେ ୨୦୧୯ରୁ ୨୦୨୫ଯାଏ ଭାରତୀୟ ଯୁବକ ଯୁବତୀଙ୍କ ରୋଜଗାର ଯୋଗ୍ୟତାର ଆକଳନ ପ୍ରଦାନ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଗୋଟିଏ ଦଶକ ମଧ୍ୟରେ ଦେଶରେ ସ୍ନାତକ ହାସଲ କରିଥିବା ଯୁବକ ଯୁବତୀଙ୍କ ରୋଜଗାର ଦକ୍ଷତା ୩୩% ବୃଦ୍ଧିପାଇଛି । ରିପୋର୍ଟରେ ମଧ୍ୟ ପୃଥକ ପୃଥକ ସ୍କିଲର ଆକଳନ କରାଯାଇଛି–କେଉଁ ସ୍ଥାନର ଯୁବକ ଯୁବତୀ କେଉଁ ସ୍କିଲରେ ଆଗରେ ରହିଛନ୍ତି । ଏଥିରେ ନ୍ୟୁମେରିକାଲ ସ୍କିଲ, କ୍ରିଟିକାଲ ଥିଙ୍କିଙ୍ଗ ଓ କମ୍ପ୍ୟୁଟର ସ୍କିଲରେ ପ୍ରଥମ ସ୍ଥାନରେ ରହିଛି ଉତ୍ତର ପ୍ରଦେଶ । ଦ୍ୱିତୀୟ ଭାଷା ଭାବେ ଇଂରାଜୀରେ ଦକ୍ଷତା ମାମଲାରେ ମହାରାଷ୍ଟ୍ର ରହିଛି ପ୍ରଥମ ସ୍ଥାନରେ ଏବଂ କର୍ଣ୍ଣାଟକ ଓ ଉତ୍ତର ପ୍ରଦେଶ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ।

## ସାମ୍ପ୍ରତିକୀ

● **ଇଣ୍ଡିଆନ–ଅଷ୍ଟ୍ରେଲିଆନ ମହିଳା ରୋଶେନା କ୍ୟାମ୍ପବେଲ :** ସଂସ୍କୃତିର ବିବିଧତା ପାଇଁ ଜଣାଶୁଣା ବିଶ୍ୱର ନଗରଗୁଡ଼ିକ ମଧ୍ୟରେ ଅନ୍ୟତମ ହୁଉଛି ମେଲବୋର୍ଣ୍ଣ । ଜଣେ ଇଣ୍ଡିଆନ–ଅଷ୍ଟ୍ରେଲିଆନ ମହିଳା ରୋଶେନା କ୍ୟାମ୍ପବେଲ ଏହି ସିଟିର ଡେପୁଟି ଲର୍ଡ଼ ମେୟର । ଏହି ପଦବୀରେ ରହିବାରେ ସେ ପ୍ରଥମ ଇଣ୍ଡିଆନ–ଅଷ୍ଟ୍ରେଲିଆନ । ତାଙ୍କର ପିତା ସ୍ୱରୂପ ଦତ୍ତ ଓ ମାତା ସୁମାତ୍ରା ଦତ୍ତ । ରୋଶେନା କହିଛନ୍ତି, '୧୯୭୦ ଦଶକରେ ମୋ ପିତା ଜଣେ ଇଣ୍ଟରନ୍ୟାସନାଲ ଷ୍ଟୁଡେଣ୍ଟ ଭାବେ ଭାରତରୁ ଅଷ୍ଟ୍ରେଲିଆ ଆସିଥିଲେ । ସେଠାରେ ତାଙ୍କର ମୋ ମାଆଙ୍କ ସହ ସାକ୍ଷାତ ହୋଇଥିଲା । ମାଆ ଥିଲେ କୋଲକାତାର ଝିଅ, ଛୁଟିଦିନ କଟାଇବାକୁ ଅଷ୍ଟ୍ରେଲିଆ ଆସିଥିଲେ । ଦୁହିଁଙ୍କର ସାକ୍ଷାତ ପରେ ସେମାନେ ବିବାହ କରିଥିଲେ ଏବଂ ଅଷ୍ଟ୍ରେଲିଆରେ ରହିବାକୁ ଚାହିଁଥିଲେ। ମୁଁ ଏବେ ଚାରି ପିଲାଙ୍କର ମାତା । ଆମେ ସମସ୍ତେ ମେଲବୋର୍ଣ୍ଣରେ ରହୁଛୁ । ମୁଁ ୧୭ ବର୍ଷ ବୟସରେ ସିଡ଼ନୀରୁ ମେଲବୋର୍ଣ୍ଣ ଆସିଥିଲି ପଢ଼ିବା ପାଇଁ । ପଲିଟିକାଲ ଏଡ଼ିଟର ଜେମ୍ସ କ୍ୟାମ୍ପବେଲଙ୍କୁ ବିବାହ କରିଥିଲି ।'



ରୋଶେନା ମେଲବୋର୍ଣ୍ଣରେ ଦୀପାବଳି ଓ ହୋଲି ପାଳନ କରନ୍ତି । ଶାଢ଼ି ମଧ୍ୟ ପରିଧାନ କରନ୍ତି । ମଝିରେ ମଝିରେ ଭାରତ ଆସନ୍ତି ବୁଲିବା ପାଇଁ । ଭାରତରେ ତାଙ୍କର ଖୁଡ଼ୀ ଓ କଜିନ୍‌ମାନେ ରହୁଛନ୍ତି । କୋଲକାତା ତାଙ୍କୁ ନିଜର ଘର ଭଳି ଲାଗେ । ବଙ୍ଗଳା ଭାଷା ମଧ୍ୟ ସେ ଭଲଭାବେ ବୁଝିପାରନ୍ତି, କାରଣ ତାଙ୍କ ପିତା ମାତା ସବୁବେଳେ ବଙ୍ଗଳାରେ ହିଁ କଥା ହେଉଥିଲେ, ସେମାନଙ୍କଠାରୁ ହିଁ ବଙ୍ଗଳା ଶିଖିଛନ୍ତି । ତାଙ୍କର ପିଲାମାନେ ମଧ୍ୟ ବଙ୍ଗଳା ବୁଝିପାରନ୍ତି, କିନ୍ତୁ ଭଲଭାବେ କହିପାରନ୍ତି ନାହିଁ । ରୋଶେନା କହିଛନ୍ତି, ମେଲବୋର୍ଣ୍ଣ ସବୁବେଳେ ଭାରତୀୟ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ କରିବ ।

## ଅନ୍ତର୍ଜାତୀୟ ମହିଳା ଦିବସ

# ନାରୀ କୌଣସି ଗୁଣରେ କମ୍ ନୁହଁନ୍ତି

**ହିମାଂଶୁ ଶେଖର ଆଚାର୍ଯ୍ୟ**

ସଂପ୍ରତି ବିଶ୍ୱର ଜନସଂଖ୍ୟା ୮୦୦କୋଟି ପାର ହୋଇଛି । ତନ୍ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୭୩୬ ମିଲିୟନ ହୋଇଥିବାବେଳେ ମହିଳାମାନଙ୍କ ସଂଖ୍ୟେ ୬୯୧ ମିଲିୟନରେ ପହଞ୍ଚିଛି । ଶତକଡା ହିସାବରେ ଦେଖିଲେ ପୁରୁଷମାନଙ୍କ ସଂଖ୍ୟା ୫୦.୪ ଥିବାବେଳେ ମହିଳାମାନଙ୍କ ସଂଖ୍ୟା ୪୯.୬ ପ୍ରତିଶତ । ଆମ ଦେଶରେ ମୋଟ ଜନସଂଖ୍ୟା ୧୪୩କୋଟିରୁ ଅଧିକ। ତନ୍ମଧ୍ୟରୁ ପୁରୁଷମାନଙ୍କ ସଂଖ୍ୟା ୫୧.୫୮ପ୍ରତିଶତ ଓ ମହିଳାମନଙ୍କ ସଂଖ୍ୟା ୪୮.୪୨ ପ୍ରତିଶତ । ମହିଳାମାନଙ୍କୁ ଅର୍ଦ୍ଧେକ ଆକଶ ବୋଲି କୁହାଯାଏ ।

ଆନ୍ତର୍ଜାତିକ ମହିଳା ଦିବସ ପାଳନ ଆବସରରେ ଇତିହାସକୁ ନୀରିକ୍ଷଣ କଲେ ଅନେକ କଥା ଆଖି ସାମ୍ନାକୁ ଆସେ। ସର୍ବପ୍ରଥମେ ୧୯୧୧ ମସିହାରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ହୋଇଥିଲା। ମାତ୍ର ଏହା ପୂର୍ବରୁ ୧୮୮୭ ମାର୍ଚ୍ଚ ମାସ ୮ ତାରିଖରେ ଆମେରିକାରେ ଏକ ବସ୍ତ୍ରଶିଳ୍ପର ମହିଳାମାନେ ସେମାନଙ୍କ ଶ୍ରମ ୧୬ ଘଣ୍ଟାରୁ ୧୦ ଘଣ୍ଟା କରିବା ପାଇଁ ଆନ୍ଦୋଳନ କରି ରାସ୍ତାକୁ ଓହ୍ଲାଇ ଆସିଥିଲେ। ୧୯୦୯ରେ ମଧ୍ୟ ମହିଳାମାନେ ନିଜର ଅଧିକାର ପାଇଁ ଲଢ଼େଇ ଆରମ୍ଭ କରିଥିଲେ। ୧୯୧୦ରୁ ଅନ୍ତଃରାଷ୍ଟ୍ରୀୟ ସମାଜବାଦୀ ମହିଳା ଅଧିବେଶନରେ ରୁଷରେ କ୍ରାନ୍ତିକାରୀ ମହିଳା କ୍ଲାରା ଜେଟ୍‌କିନ ମାର୍ଚ୍ଚ ୮ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ଭାବରେ ପାଳନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

ପରବର୍ତ୍ତୀ ପର୍ଯ୍ୟାୟରେ ୧୯୧୨ରେ ରୁଷରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ପାଇଁ ଉଦ୍ୟମ କରାଯାଇଥିଲା। ୧୯୧୫ରେ ଅସ୍‌ଲୋରେ ମହିଳାମାନେ ପ୍ରଥମ ବିଶ୍ୱଯୁଦ୍ଧ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ୧୯୩୭ରେ ସ୍ପେନର ମହିଳାମାନେ ଫ୍ରାନକ୍ଲିନ୍‌ଙ୍କର ଅତ୍ୟାଚାରୀ ଶାସନ ବିରୁଦ୍ଧରେ ଲଢ଼ାଇ କରିଥିଲେ। ୧୯୪୩ ମାର୍ଚ୍ଚ ୮ ତାରିଖରେ ଭିଏତ୍‌ନାମର ନାରୀମାନେ ମାର୍କିନ ସାମ୍ରାଜ୍ୟବାଦ ବିରୁଦ୍ଧରେ ରାଜରାସ୍ତାକୁ ଓହ୍ଲାଇଥିଲେ। ଇଟାଲୀର ମହିଳାମାନେ ମୁସୋଲିନି ତାନାଶାହୀର ବିରୋଧ କରିଥିଲେ। ଆମ ଦେଶରେ ୧୮୫୭ ସିପାହୀ ବିଦ୍ରୋହ, ୧୯୨୦ ଅସହଯୋଗ ଆନ୍ଦୋଳନ, ୧୯୩୦ ଲବଣ ସତ୍ୟାଗ୍ରହ ଓ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ମହିଳାମାନେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ନାରୀ ଆନ୍ଦୋଳନ ସାରା ବିଶ୍ୱର ମହିଳାମାନଙ୍କ ସ୍ଥିତିକୁ ସୁଦୃଢ଼ କରିଛି। ବିଭିନ୍ନ ସ୍ତରରେ ଆନ୍ଦୋଳନ ପରେ ନାରୀର ସ୍ଥିତିକୁ ନେଇ ବିଭିନ୍ନ ସ୍ତରରେ ବିଚାର ଆଲୋଚନା ହୋଇଛି। ଏସବୁ କଥା ବିଚାରକୁ ନେଇ ମିଳିତ ଜାତିସଂଘ ୧୯୭୫ ମସିହାରୁ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ପାଳନ କରିବାକୁ ସ୍ୱୀକୃତି ଦେଇଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଜାତିସଂଘ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଇଁ ବିଷୟବସ୍ତୁ ରହିଛି। ଚଳିତବର୍ଷ ଆନ୍ତର୍ଜାତିକ ମହିଳା ଦିବସର ବିଷୟବସ୍ତୁ ରହିଛି–କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ବିଶେଷକରି ଲିଙ୍ଗଗତ ସମାନତା ପାଇଁ ଚୂଡାନ୍ତ ପଦକ୍ଷେପ ଗ୍ରହଣ କରିବା। ଲିଙ୍ଗଗତ ସମାନତା ରକ୍ଷାକରିବା ଉଦ୍ଦେଶ୍ୟ ହେଉଛି ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକାର କରିବା ।

ମହିଳାମାନଙ୍କ ଆନ୍ଦୋଳନ ଫଳରେ ସାରା ବିଶ୍ୱରେ ଓ ଆମ ଦେଶରେ ମହିଳାମାନଙ୍କୁ ଅଭୂତପୂର୍ବ ସଫଳତା ମିଳିଛି। ଏଭଳି କାମ ନାହିଁ ଯେଉଁ କ୍ଷେତ୍ରରେ ମହିଳାମାନେ ଦକ୍ଷତାରସହ କାମକରି ଦେଖାଇନାହାଁନ୍ତି। ଆନି କୋହେନ ବିଶ୍ୱର ପ୍ରଥମ ମହିଳା ଯିଏ ସଫଳତାର ସହ ସାଇକେଲରେ ବିଶ୍ୱ ଭ୍ରମଣ କରିବାର ଗୌରବ ଅର୍ଜନ କରିଥିଲେ। ଏଲିନା ଲୁକ୍ରେଜିଆ ଏପରି ଜଣେ ମହିଳା ଯିଏ ସର୍ବପ୍ରଥମେ ଫିଲୋସଫିରେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ। ସାରାହ୍ ଡିଲିସ୍ ଆଉଟେନ୍ ବିଶ୍ୱର ପ୍ରଥମ ମହିଳା ଯିଏ ସମୁଦ୍ର ଭିତରେ ଏକୁଟିଆ ଡଙ୍ଗାରେ ଆହୁଲାମାରି ଜାପାନରୁ ଆଲାସ୍କା ଯାତ୍ରା କରିବାରେ ସଫଳ ହୋଇଥିଲେ। ଭାଲେଣ୍ଟିନା ତେରେସ୍କୋଭା ବିଶ୍ୱର ପ୍ରଥମ ମହାକାଶଚାରୀ। ଆମ ଦେଶ ତଥା ରାଜ୍ୟରେ ମହିଳାମାନେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ନିଜର ପରାକାଷ୍ଠା ଦେଖାଇ ଉଦାହରଣ ସୃଷ୍ଟି କରିପାରିଛନ୍ତି–ବୈଦିକ ଯୁଗରେ ବିଶ୍ୱବାରା, ଲୋପାମୁଦ୍ରା, ଗାର୍ଗୀ, ପୁରାଣ ଯୁଗରେ ସୀତା, ସାବିତ୍ରୀ, ଅନସୂୟା । ବର୍ତ୍ତମାନର ନାରୀ ମଧ୍ୟ କୌଣସି ଗୁଣରେ କମ୍ ନୁହନ୍ତି। ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ପ୍ରତିଭା ଦେବୀ ସିଂ ପାଟିଲଙ୍କଠାରୁ ଆରମ୍ଭକରି ମୀରା କୁମାର, ପିଟି ଉଷାଙ୍କଠାରୁ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସୁନୀତା ଚୋଧୁରୀଙ୍କଠାରୁ ପଦ୍ମିନୀ ରାଉତ, କିରଣ ବେଦୀଙ୍କଠାରୁ ରୂପା ମିଶ୍ର ଏବଂ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କଠାରୁ ନନ୍ଦିତା ଦାସ ଓ ଏପରିକି ଜ୍ୟୋର୍ତିମୟୀ ଦାସଙ୍କ ପର୍ଯ୍ୟନ୍ତ ସବୁଠି ନାରୀର ଜୟଯାତ୍ରା।

ମନରେ ପ୍ରଶ୍ନ ଉଠେ, ମହିଳାମାନଙ୍କ ସଫଳତା ସତ୍ତ୍ୱେ ଆଜି ମହିଳା ନା ଘରେ ନା ବାହାରେ ନା କର୍ମକ୍ଷେତ୍ରରେ କେଉଁଠି ବି ସୁରକ୍ଷିତ ନୁହେଁ କାହିଁକି? ସମାଜିକ ହିଂସା, ବଳାତ୍କାର, ଯୌତୁକ ହତ୍ୟା, ଘରୋଇ ହିଂସା ଓ କନ୍ୟାଭ୍ରୂଣ ହତ୍ୟା ବଢ଼ିବାରେ ଲାଗିଛି। ଆଜିବି ଜଣେ ଝିଅ ଦିନରେ ହେଉ ବା ରାତିରେ ରାସ୍ତାରେ କାହିଁକି ସୁରକ୍ଷିତ ନୁହେଁ। ଏକ ସର୍ବେକ୍ଷଣରୁ ଜଣାପଡ଼େ, ଭାରତରେ ପ୍ରତି ୭୮ମିନିଟ୍‌ରେ ଗୋଟିଏ ଯୌତୁକ ଜନିତ ବଧୂହତ୍ୟା, ପ୍ରତି ୫୯ମିନିଟ୍‌ରେ ଜଣେ ମହିଳା ଯୌନ ଶୋଷଣର ଶୀକାର ହେଉଥିବା ବେଳେ ପ୍ରତି ୩୪ମିନିଟ୍‌ରେ ହେବାକୁ ପଡ଼େ। ତେଣୁ ବିଶ୍ୱସ୍ତରରେ ନାରୀ ମୁକ୍ତି ଆନ୍ଦୋଳନ ପାଇଁ ସବୁ ଦେଶ ତତ୍ପର। ଆନ୍ତର୍ଜାତିକ ମହିଳା ଦିବସ ପାଳନ ଅବସରରେ ଏବେ ଚିନ୍ତା କରିବାର ବେଳ ଆସିଛି।

ଜଗତସିଂହପୁର
ମୋ : ୯୯୩୭୧୫୧୦୫୨

# ଦୃଷ୍ଟିଭଙ୍ଗୀ ବଦଳୁ

**କବିତା ସ୍ୱାଇଁ**

ଏକଦା ପ୍ରକୃତିରାଣୀର ସବୁଜ ବନାନୀ କୋଳରେ ଇତର ପ୍ରାଣୀଟିଏ ପରି ଜୀବନଯାପନ କରୁଥିବା ମଣିଷ କେତେବେଳେ ଯେ ସାମାଜିକ ହୋଇଗଲା ତାହା ଠିକ୍ କରି କହିହେବନି। ଯେତେବେଳେ ମଣିଷ ଜାଣିଲା ଏକୁଟିଆ ବଞ୍ଚିବା କଷ୍ଟକର, ବନ୍ୟଜନ୍ତୁଙ୍କ ଦାଉରୁ ନିଜକୁ ସୁରକ୍ଷିତ ରଖିବା ବି ଅସମ୍ଭବ, ସେତେବେଳେ ଠିକ୍ କଲା ଅସହାୟତାର ଘୋଡ଼ଣି ତଳେ ଅଣନିଃଶ୍ୱାସୀ ହେବା ଅପେକ୍ଷା ପରସ୍ପରର ହାତ ଧରି ଆଗକୁ ବଢ଼ିଲେ ବଞ୍ଚିବା ସୁବିଧାଜନକ ଓ ଆନନ୍ଦଦାୟକ ହୋଇପାରିବ। ଏହି ଅନୁଭବ, ଲବ୍ଧଜ୍ଞାନ ଟିକକ ମଣିଷକୁ ଏକାଠି ରହିବାକୁ ସାହାଯ୍ୟ କଲା। ସମୟକ୍ରମେ ତା'ର ଅଜାଣତରେ ଗୋଷ୍ଠୀଜୀବନ ସାମାଜିକ ଜୀବନରେ ରୂପାନ୍ତରିତ ହେଲା।

ସେହି ସାମାଜିକ ଜୀବନରେ ଦୁଇଟି ଛବି ଦେଖିବାକୁ ମିଳିଲା। ଜଣେ ପୁରୁଷର, ଆଉ ଜଣେ ନାରୀର ଛବି ନାରୀ ହେଉଛି ସିଏ, ଯିଏ ପ୍ରଜନନ କ୍ଷମତାର ଅଧିକାରିଣୀ। ପୁରୁଷ ହେଉଛି ସିଏ, ଯିଏ ପ୍ରଜନନର ଗୁରୁଭାର ବହନ କରି ନାରୀକୁ ସୁରକ୍ଷା ପ୍ରଦାନ କରେ। ପୁରୁଷ ଓ ନାରୀର ସହଯୋଗରେ ପାରିବାରିକ ଜୀବନ ହେଲା ଶୃଙ୍ଖଳିତ, ସଂଗଠିତ ଓ ପ୍ରତିଷ୍ଠିତ। ନାରୀ ସଦାସର୍ବଦା ଏ ସୃଷ୍ଟିର ମୂଳାଧାର। ତେଣୁ ବେଦ, ବେଦାନ୍ତ ଓ ଶାସ୍ତ୍ର ଓ ପୁରାଣରେ ନାରୀକୁ ପ୍ରାଧାନ୍ୟ ଦିଆଯାଇ କୁହାଯାଇଛି – 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତା', ଅର୍ଥାତ୍ ନାରୀମାନେ ଯେଉଁଠି ପୂଜା ପଆନ୍ତି ସେଠାରେ ଦେବତାମାନେ ବିରାଜିତ ହୋଇଥାନ୍ତି। ସାମାଜିକ ଜୀବନର ସମ୍ପୂର୍ଣ୍ଣ ସମୟ ମଧ୍ୟରେ ନାରୀ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ–କେବେ ଜନନୀ, କେବେ ଜାୟା, କେବେ ଭଗିନୀ ଓ କେବେ କନ୍ୟାର କାର୍ଯ୍ୟ ତୁଲାଇଥାଏ। ନାରୀ କୌଣସି ଗୁଣରେ ପୁରୁଷଙ୍କଠାରୁ ନ୍ୟୂନ ନୁହେଁ। ନିଜର ଶକ୍ତି ଓ ସାମର୍ଥ୍ୟ ବଳରେ ସେ ହୁଏ– କାର୍ଯ୍ୟେଷୁ ମନ୍ତ୍ରୀ, କର୍ମେଷୁ ଦାସୀ, ଧର୍ମେଷୁ ପତ୍ନୀ, କ୍ଷମୟା ଧରିତ୍ରୀ, ସ୍ନେହେଷୁ ମାତା, ଶୟେନେଷୁ ରମ୍ଭା,ସଙ୍ଗେଷୁ ସଖା।

ନାରୀ ଅତ୍ର, ତତ୍ର, ସର୍ବତ୍ର ଭଳି ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି କରିଚାଲିଛି। ଆଜି ଜଳ, ସ୍ଥଳ ଓ ଆକାଶ କୌଣସି କ୍ଷେତ୍ର ନାରୀପାଇଁ ଅଗମ୍ୟ ନୁହେଁ। ତଥାପି ଏକବିଂଶ ଶତାବ୍ଦୀରେ ନାରୀ ସଶକ୍ତିକରଣର ଆବଶ୍ୟକତା କାହିଁକି ଜରୁରୀ ହୋଇପଡିଛି? ନାରୀ ସହ ଅନେକ ଲୋମହର୍ଷଣକାରୀ ଘଟଣା ଘଟିଚାଲିଛି ପ୍ରତିଦିନ। ଗଣଦୁଷ୍କର୍ମ, ଘରୋଇ ହିଂସା, ପୁରୁଷ ସମାଜର ପ୍ରତାରଣା ପୂର୍ଣ୍ଣ ବ୍ୟବହାର ଇତ୍ୟାଦି। ଯେଉଁ ସମାଜରେ ନାରୀ ଯେତେ ସୁରକ୍ଷିତ ସେ ସମାଜ ସେତେ ଉନ୍ନତ। ନାରୀ ପାଇଁ ଆମର ପ୍ରଥମ ଡାକ ହେଉଛି ମା'। ଦଶ ଜଣ ଶିକ୍ଷକଙ୍କଠାରୁ ଜଣେ ଆଚାର୍ଯ୍ୟ ବଡ଼। ଶହେ ଆଚାର୍ଯ୍ୟଙ୍କଠାରୁ ଜଣେ ପିତା ମହାନ। ହଜାରେ ପିତାଙ୍କଠାରୁ ଜଣେ ମାତା ଗୌରବମୟୀ । ମରଣର ମାର୍ଗ ଅନେକ, କିନ୍ତୁ ଜନମ ଲଭିବାର ମାର୍ଗ ହେଉଛି ମାତ୍ର ଗୋଟିଏ । ସେ ହେଉଛି ନାରୀ । ସେଇ ମା', ସେଇ ନାରୀ ଆମର ପ୍ରାଣ, ପୂଜା ଓ ପ୍ରାର୍ଥନା ହେବା ଦରକାର। ନାରୀ ଆମର ଜନ୍ମଦାତ୍ରୀ।

ନାରୀକୁ ଅବଳା, ଦୁର୍ବଳା ଭାବିବା ମନୋଭାବକୁ ପରିହାର କରି ସମସ୍ତେ ଚିନ୍ତା କରିବା ଉଚିତ ଯେ ତା'ର ଶରୀର କୌଣସି ଭୋଗ୍ୟବସ୍ତୁ ନୁହେଁ, ବରଂ ଆଗାମୀ ବଂଶଧରମାନଙ୍କର ଭୋଗଥାଳି। ସେଥିରେ ବରଂ ନୈବେଦ୍ୟ ବାଢ଼ି ଆତ୍ମିକ ଭାବନାରେ ଆରାଧନା କରାଯାଉ ନାରୀର ନାରୀତ୍ୱକୁ। ପରିବର୍ତ୍ତନର ଆବଶ୍ୟକତା ରହିଛି ଆମ ଦୃଷ୍ଟିଭଙ୍ଗୀର। ଆମ ମନ ଓ ବିବେକ ସଚେତନ ହେବା ଦରକାର ।

ପ୍ରାଧାପିକା, ମହିଳା ମହାବିଦ୍ୟାଳୟ, ଖୋରଧା
ମୋ : ୮୮୯୫୦୧୪୨୮୩

# ମାତୃଭାବ ହିଁ ମହୌଷଧି ଭଳି

**ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର**

ନାରୀଙ୍କୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ। ନାରୀଙ୍କୁ ତାଙ୍କ ମହାନୀୟତା ଅନୁଯାୟୀର ପ୍ରତିଷ୍ଠା ମଧ୍ୟ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ଆଦି ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତା।

ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜ ପ୍ରତି ଗୁରୁବାଣୀ ପ୍ରଦାନ କରି କହିଛନ୍ତି, 'ମଣିଷର କାମ ପ୍ରବୃତ୍ତିକୁ ଦମନ କରିବା ପାଇଁ ମାତୃ ଭାବ ମହୌଷଧି ଭଳି କାର୍ଯ୍ୟ କରିଥାଏ। ମଣିଷର ଆଦି ବାକ୍‌ସ୍ଫୁରଣର ପ୍ରଥମ ଶବ୍ଦ ହେଉଛି ମାଆ।' ଏହା ନିଃସନ୍ଦେହ ଯେ ମନ ଭିତରେ ମାତୃଭାବ ଜାଗରିତ ହେଲେ ମଣିଷର କୁପ୍ରବୃତ୍ତି ଅବଦମିତ ହୁଏ। ପୁରାଣ କହେ, ମାଆ ଜଗତ୍‌ଜନନୀ ଦୁର୍ଗାଙ୍କର ବିଶ୍ୱବିମୋହନ ମାତୃମୂର୍ତ୍ତି ଦର୍ଶନ କରି ମହିଷାସୁରର ଉତ୍କଟ କାମ ପ୍ରବୃତ୍ତି ଅବଦମିତ ହୋଇଥିଲା। ଦୁରାଚାରୀ ରାବଣ ସତୀ ସୀତାଙ୍କୁ ଅପହରଣ କରିବା ପରେ ତାଙ୍କର ମାତୃତ୍ୱମୟୀ ବ୍ୟକ୍ତିତ୍ୱର ପ୍ରଭାବରେ ଅଭିଭୂତ ହୋଇ ତାଙ୍କୁ ମା' ବ୍ୟତୀତ ଆଉ କିଛି ବି ଭାବିପାରିନଥିଲା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆମ ସମୟରେ ମାତୃ ଜାତିଙ୍କୁ ସମ୍ଭାଷଣ ପ୍ରଦାନରେ କହିଛନ୍ତି, 'ଝିଅ ମୋର, ତୁମର ସେବା, ତୁମର ଚାଲିବା, ତୁମର ଚିନ୍ତା, ତୁମର କହିବା, ପୁରୁଷଙ୍କ ମଧ୍ୟରେ ଏପରି ଏକ ଭାବ ସୃଷ୍ଟି କରେ ଯେଉଁଥିରେ ସେମାନେ ଅବନତ ମସ୍ତକରେ ନତଜାନୁ ହୋଇ ସସମ୍ଭ୍ରମେ ଭକ୍ତି ଗଦ ଗଦ କଣ୍ଠରେ ମା'ମୋର, ଜନନୀ ମୋର କହି ମୁଗ୍ଧ ହୁଅନ୍ତି, ବୁଦ୍ଧ ହୁଅନ୍ତି, ତୃପ୍ତ ହୁଅନ୍ତି, କୃତାର୍ଥ ହୁଅନ୍ତି । ସେଥିପାଇଁ ତ ତୁମେ ଝିଅ, ତୁମେ ସତୀ।'

ନାରୀ ପୁରୁଷର ପରିପୋଷକ । ଉଭୟ ମିଶି ଏକ । ନାରୀ ହେଉଛି ପୁରୁଷ ସତ୍ତାର ବାକି ଅଂଶ। ସ୍ୱାମୀ ହେଉଛି ସ୍ତ୍ରୀର ସା । ପୁରୁଷର ଏହି ଉଦ୍‌ବେଳାୟିତ ଅବସ୍ଥାକୁ ଅକ୍ଷୁଣ୍ଣ ରଖିବା ନିମିତ୍ତ ତାକୁ ପୁରୁଷ ଶ୍ରେଷ୍ଠ, ଇଷ୍ଟ, ଗୁରୁ ବା ପୁରୁଷୋତ୍ତମ ସହିତ ସଂଲଗ୍ନ ହେବା ଏକାନ୍ତ ଆବଶ୍ୟକ । ନଚେତ୍ ପୌରୁଷ୍ୱ ଲୋପ ପାଇଯାଏ। ପୁରୁଷ ଯେତେବେଳେ ନାରୀଠାରେ କାମମୁଗ୍ଧ ହୋଇଉଠେ ସେତେବେଳେ ତା'ର ପରିପୂରଣୀ ପ୍ରତିଭା ନଷ୍ଟ ହୁଏ। ମା'ମାନେ ଯଦି ସ୍ୱାମୀଙ୍କଠାରେ ସୁକେନ୍ଦ୍ରିକ ନହୁଅନ୍ତି ଓ ପୁରୁଷ ଯଦି ଈଶ୍ୱର କେନ୍ଦ୍ରିକ ନହୁଅନ୍ତି ତାହାହେଲେ ପରିବାରରେ ମଇଳା ଜମିଯାଏ। ପୁରୁଷ ସ୍ୱାଧୀନ ହୁଏ ଭଗବାନ (ଗୁରୁ)ଙ୍କୁ ନେଇ ଓ ମା'ମାନେ ସ୍ୱାଧୀନ ସ୍ୱାମୀଙ୍କୁ ନେଇ। ସ୍ୱାମୀ ହେବା ଉଚିତ ଇଷ୍ଟମୁଖୀ ଓ ସ୍ତ୍ରୀର ବୈଶିଷ୍ଟ୍ୟପୂରଣୀ। ଇଷ୍ଟ, ଗୁରୁ ବା ପୁରୁଷୋତ୍ତମଙ୍କ ପ୍ରତି ନିର୍ମଳ ନିଷ୍ଠା ଭିତର ଦେଇ ନିଜକୁ ଶାସନ କରିବାକୁ ହୁଏ ଓ ଏହାଦ୍ୱାରା ଚରିତ୍ର ନିର୍ମଳ ହୁଏ, ପ୍ରେମ ପ୍ରସ୍ଫୁଟିତ ହୁଏ। ଦୃଢ଼କଣ୍ଠରେ ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଘୋଷଣା କରିଛନ୍ତି । ପୁରୁଷମାନଙ୍କର ନାରୀ ସାଜିବା ଭଲ ନୁହେଁ ଓ ମା'ମାନଙ୍କର ମଧ୍ୟ ପୁରୁଷ ସାଜିବା ଭଲ ନୁହେଁ। ଅଜସ୍ର ଚେଷ୍ଟା କଲେ ମଧ୍ୟ ପୁରୁଷ କେବେ ମା' ହୋଇପାରିବେନାହିଁ । ମା'ର ନିଷ୍ଠା, ଭକ୍ତି, ଶ୍ରଦ୍ଧା ଓ ଚରିତ୍ର ଅନୁଯାୟୀ, ସନ୍ତାନ ସଦ୍‌ଗୁଣର ଅଧିକାରୀ ହୁଏ। ଯଥାର୍ଥରେ କୁହାଯାଇଛି। ମାତୃଭକ୍ତି ଅଟୁଟ ଯେତେ, ସନ୍ତାନ ହୁଏ କୃତୀ ସେତେ। ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର
କଟକ ବଡ଼ ମେଡ଼ିକାଲ
ମୋ : ୯୪୩୭୦୫୧୯୫୭

# ନାରୀ ବିନା ସଂସାର କଳ୍ପନା ବୃଥା

**ଡ.ଅରୁନ୍ଧତୀ ଦେବୀ**

ପୁରାଣରେ ବର୍ଣ୍ଣିତ ଅଛି– 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା ।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଦେବତା ଓ ମହାପୁରୁଷମାନଙ୍କର ନାମ ସହିତ ସେମାନଙ୍କର ପତ୍ନୀଙ୍କ ନାମ ସଂଯୋଗ କରାଯାଇଛି ଯଥା ସୀତାରାମ, ରାଧେଶ୍ୟାମ, ଗୌରୀଶଙ୍କର, ଉମାମହେଶ, ଲକ୍ଷ୍ମୀନାରାୟଣ, ସାବିତ୍ରୀସତ୍ୟବାନ, ମାୟାବ୍ରହ୍ମା, ପ୍ରକୃତିପରମେଶ୍ୱର, ଶକ୍ତିଶିବ । ପବିତ୍ରତା, ସ୍ନେହ, ବାତ୍ସଲ୍ୟ, ଦୟା, ସେବା, ସହାନୁଭୂତି, ଭକ୍ତିଭାବନା ଆଦି ଗୁଣରେ ପୁରୁଷ ଅପେକ୍ଷା ନାରୀ ହିଁ ଆଗରେ। ସୁତରାଂ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକରେ ନାରୀକୁ ସର୍ବତ୍ର ସ୍ୱାଗତ ଓ ସମ୍ମାନ କରାଯାଏ।

ନାରୀକୁ ତା'ର ମହାନୀୟତା ଅନୁଯାୟୀ ପ୍ରତିଷ୍ଠା ମଧ୍ୟ ଦିଆଯାଇଛି। ସତ୍ୟଯୁଗରେ ସାବିତ୍ରୀ, ତ୍ରେତୟା ଯୁଗରେ ସୀତା, ଅନୁସୂୟା, ଦ୍ୱାପରରେ କୁନ୍ତୀ, ଦ୍ରୌପଦୀ ନିଜ ନିଜର ପବିତ୍ରତା ଓ ପରାକାଷ୍ଠା ବଳରେ ଯୁଗେ ଯୁଗେ ବନ୍ଦିତ। ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରଥିବା ବହୁ ମହିୟସୀ ମହିଳାଙ୍କ କଥା ଓ ଗାଥା ଇତିହାସରେ ବି ବର୍ଣ୍ଣିତ। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହେଁ।

ନାରୀ ବିନା ବି ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଜଣକ ବିନା ଅନ୍ୟ ଜଣକ ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା । କୁହାଯାଏ – ଦାରାଧୀନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧୀନ। ମନୁ ସଂହିତାରେ ବର୍ଣ୍ଣିତ ଅଛି–'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ।



ଯାହାର ବ୍ୟକ୍ତିତ୍ୱ ନିଷ୍ପେସିତ ହୋଇଯାଏ ସ୍ୱାର୍ଥପର ଏଇ ସମାଜର ନାଲି ଆଖି ନିକଟରେ, ଯିଏ ଚେଷ୍ଟାକରି ମଧ୍ୟ ପାରେନାହିଁ ନିଜର ଆତ୍ମାନୁଭୂତି ବ୍ୟକ୍ତ କରି, ସେ ନାରୀ । ସାରା ଜୀବନ ଯିଏ ଧୂପକାଠିଟିଏ ପରି ତ୍ୟାଗର ସୁଗନ୍ଧିତ ଧୂମ ବିତରଣରେ ସମଗ୍ର ପରିବେଶକୁ ବାସ୍ନାରେ ଭରିଦିଏ, ଆଜିର ପରିବର୍ତ୍ତିତ ସମାଜ ତାକୁ କରିଚାଲିଛି ଅବହେଳିତ, ଲାଞ୍ଛିତ । ପଦାକୁ ପାଦ କାଢ଼ିଲେ ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ । ଖବରକାଗଜର ପୃଷ୍ଠା ଲେଉଟେଇଲେ ଯୌତୁକ ଜନିତ ବଧୂ ହତ୍ୟା, କନ୍ୟା ଭ୍ରୂଣ ହତ୍ୟା ଅଥବା ପ୍ରତାରିତ ପ୍ରେମିକର ବିଶ୍ୱାସଘାତକତା । ପୁରୁଷ ପ୍ରାଧାନ୍ୟ ସମାଜ ମାନେନା ତା'ର ମହାନତା । ସମାଜରେ ନାରୀର ସ୍ଥିତିକୁ ସୂଚାଇ ଦେବାକୁ, ନାରୀର ସମ୍ମାନଜନକ ସ୍ଥାନଟିଏ ଥିଲା, ଅଛି ଓ ରହିବ ବୋଲି ଜଣାଇ ଦେବାକୁ ଆଜିର ଦିନରେ ଅନ୍ତର୍ଜାତୀୟ ସ୍ତରରେ ପାଳିତ ହେଉଛି ମହିଳା ଦିବସ । ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନେ ବିଚରଣ କରନ୍ତି । ନାରୀର ଅସମ୍ମାନ ସମଗ୍ର ଧରିତ୍ରୀର ଅସମ୍ମାନ । ସ୍ୱାମୀ–ସ୍ତ୍ରୀ, ନାରୀ–ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଏକ ବିନା ଆରେକର ସ୍ଥିତି ନାହିଁ, ପ୍ରଗତି ଆସିବ କୁଆଡୁ ? ସ୍ୱାମୀ ଆକାଶ, ସ୍ତ୍ରୀ ପୃଥିବୀ। ଏକଥା ଭୁଲିଯାଉଛି ହୁଏତ ସମାଜ । ନାରୀକୁ କେବଳ କ୍ରୀଡ଼ନକ କରି ରଖିବାର ଲାଳସା ତା'ର ପ୍ରଗତି ପଥରେ ବାଧକ ହେଉଛି । ନାରୀ ଦୁର୍ବଳା ନୁହେଁ । କନ୍ୟା, ଭଗିନୀ, ଜାୟା, ଜନନୀ ଭୂମିକାରେ ସେ ମହନୀୟା । ଅନ୍ୟାୟ, ଅନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ମଧ୍ୟ ସେ ସାଜିପାରେ ମାହେଶ୍ୱରୀ, ମହାକାଳୀ, ମହିଷାମର୍ଦ୍ଦିନୀ ।

ନିର୍ଦ୍ଦେଶିକା ଓ ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# କୋଷାଗୁମୁଡା ଅଞ୍ଚଳରେ ବାଲି ମାଫିଆ ସକ୍ରିୟ, ପ୍ରଶାସନ ନିରବ




କୋଷାଗୁମୁଡା, ୭।୩ (ନି.ପ୍ର): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକରେ ପୁଣି ବାଲି ମାଫିଆ ସକ୍ରିୟ ହେଲେଣି । ଏହି ବ୍ଲକରେ ଦୁଇଟି ପ୍ରମୁଖ ନଦୀ ଇନ୍ଦ୍ରାବତୀ ନଦୀ ଆଉ ଭାସ୍କେଲ ନଦୀ ରହିଛି । ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଏହି ଦୁଇଟି ନଦୀର ବାଲି ଉଠାଣ ପାଇଁ ବାଲି ଟେଣ୍ଡେର ହୋଇଛି । କିନ୍ତୁ ବର୍ତ୍ତମାନ ମଧ୍ୟ ଅନେକ ଘାଟରେ ଟେଣ୍ଡେର ହୋଇନାହିଁ । ସରକାରଙ୍କ ନିର୍ଦ୍ଦେଶ ରହିଛି ବାଲି ଟେଣ୍ଡେର ହୋଇଥିବା ସ୍ଥାନରେ କେବଳ ଶ୍ରମିକ ଲଗାଇ ବାଲି ଉଠାଣ କରାଯିବ କିନ୍ତୁ ସେହି ସ୍ଥାନ ଗୁଡ଼ିକରୁ ଶ୍ରମିକ ବଦଳରେ ଜେସିବି ମେସିନ ଦ୍ୱାରା ବାଲି ଉଠାଣ କରି ବିଭିନ୍ନ ଗାଡ଼ିରେ ଲୋଡ଼ କରାଯାଉଛି । ସେହିଭଳି ବାଲି ଟେଣ୍ଡର ହୋଇନଥିବା ଘାଟରୁ ମଧ୍ୟ ମାଫିଆ ମାନେ ବାଲି ଚୋରା ଚାଲାଣ କରାଛନ୍ତି । ଏଭଳି ଘଟଣା ବର୍ତ୍ତମାନ ଆଟିଗାଁ ପଞ୍ଚାୟତ ଗୋଟିବେଡା ନଦୀ ଘାଟ ନିକଟରେ ଦେଖିବାକୁ ମିଳିଛି । ସ୍ଥାନୀୟ କିଛି ବାଲି ମାଫିଆ ଟ୍ରାକ୍ଟର ଏବଂ ଟିପର ସାହାଯ୍ୟରେ ଦିନ ରାତି ବାଲି ବୋଝେଇ କରି ବେନିୟମ ଭାବେ ଚୋରି କରିବା ସାଧାରଣରେ ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମାଇନିଂ ବିଭାଗ ଓ ରାଜସ୍ୱ ବିଭାଗ ପାଖରେ ଏହି ସବୁ ଖବର ଥିଲେ ମଧ୍ୟ ବାଲି ଚୋରା ଚାଲାଣକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ସାଧାରଣ ଅଭିଯୋଗ ହୋଇଛି । ବାଲି ଲିଜ ନେଇଥିବା ଲିଜଧାରୀ ମାନେ ଯେଉଁ ସ୍ଥାନରେ ବାଲି ଉଠାଇବା ପାଇଁ ନିର୍ଦ୍ଦେଶ ରହିଥିଲେ ତାହା ପାଳନ ନକରି ମନଇଚ୍ଛା ବାଲି ଉଠାଉଥିବା ଅଞ୍ଚଳରେ ଅଭିଯୋଗ ହୋଇଛି । ଗୋଟିଏ ରୋୟଲଟି କାଟି ଅନେକ ଗାଡ଼ିରେ ବାଲି ଚାଲାଣ ହେଉଛି । ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ବର୍ତ୍ତମାନ ଖରା ଦିନ ନଦୀରେ ପାଣି କମରହି ଥିବାର ସୁଯୋଗ ନେଇ କିଛି ବାଲି ମାଫିଆ ମାନେ ବିଭିନ୍ନ ସ୍ଥାନରେ ବାଲି ସବୁ ଗଚ୍ଛିତ ରଖିଥିବା ବେଳେ ଏହା ସମ୍ପୂର୍ଣ୍ଣ ବେନିୟମ କାର୍ଯ୍ୟ , ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ । ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ଲକ ବାସୀ ଦାବି କରିଛନ୍ତି । କାରଣ କିଛି ଦିନ ପୂର୍ବେ ସନ୍ତସପୁର ନିକଟ ଭାସ୍କେଲ ନଦୀରୁ ବାଲି ଚରା ଚାଲାଣ ଖବର ପ୍ରସାରଣ ହୋଇଥିଲା ତଥାପି ସ୍ଥାନୀୟ ପ୍ରଶାସନ ଏବଂ ମାଇନ୍ସ ବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନଥିଲେ ।

# ଜନ ଔଷଧି ଦିବସ ପାଳିତ



ଦଶପଲ୍ଲା, ୭।୩ (ନି.ପ୍ର): ଚଳିତ ବର୍ଷ ୭ମ ଜନ ଔଷଧି ସପ୍ତାହ ଦିବସ ପାଳନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ସାଧାରଣ ଚିନ୍ତାଧାରା ଯୋଗୁଁ ଆଜି ଦେଶରେ ୧୫ ହଜାରରୁ ଉର୍ଦ୍ଧ୍ୱ ଜନ ଔଷଧି କେନ୍ଦ୍ର ଜରିଆରେ ଦେଶବାସୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଗୁଣାତ୍ମକ ଔଷଧ ଉପଲବ୍ଧ କରାଯାଇ ଅନେକ ରୋଗୀଙ୍କ ଜୀବନ ରକ୍ଷା କରାଯାଇପାରୁଛି । ପ୍ରଧାନମନ୍ତ୍ରୀ-ଜନ ଆରୋଗ୍ୟ ଯୋଜନା ସହିତ ଜନ ଔଷଧି ଯୋଜନା ମିଳିତ ଭାବେ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଏକ କ୍ରାନ୍ତି ଆଣିଛି । ଉତ୍ତମ ସ୍ୱାସ୍ଥ୍ୟ ସେବା କେବଳ ଏକ ବିକଳ୍ପ ନୁହେଁ, ଏହା ପ୍ରତ୍ୟେକ ଭାରତୀୟଙ୍କ ଅଧିକାର । ଏହି ପରୀପେକ୍ଷିରେ ଦଶପଲ୍ଲା ଏନଏସି ଅନ୍ତର୍ଗତ ୪ନମ୍ବର ୱାର୍ଡ଼ର ଦଶପଲ୍ଲା ଠାରୁ ଗଣିଆ ଯିବା ରାସ୍ତାରେ ଥିବା ସୁଭାସିନି ମହାପାତ୍ରଙ୍କ ଜନ ଔଷଧି କେନ୍ଦ୍ର ଠାରେ ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, ଏନଏସି ମଣ୍ଡଳ ସଭାପତି ମନୋଜ ସାହୁ,ବରିଷ୍ଠ ବିଜେପି ନେତା ଅଞ୍ଜନ ଦାସ ଓ କିଶୋର ଚନ୍ଦ୍ର ଦଳବେହେରାଙ୍କ ସହିତ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡ଼ଃ ସନ୍ଦୀପ ସ୍ୱାଇଁଙ୍କ ଉପସ୍ଥିତିରେ ସପ୍ତାହ ଦିବସ ପାଳନ କରାଯିବା ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଗଞ୍ଜାମ ଗସ୍ତରେ ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶକ



ଛତ୍ରପୁର, ୭।୩ (ନି.ପ୍ର): ଉତ୍ତରାଖଣ୍ଡର ମସୌରୀରେ ଅବସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶକ ତଥା ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଶ୍ରୀରାମ ତାରଣିକାନ୍ତି ଆଜି ଗଞ୍ଜାମ ଜିଲ୍ଲାର ଛତ୍ରପୁର ସ୍ଥିତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି କୃଷି ଓ କୃଷକ ସଶକ୍ତିକରଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପୂର୍ତ୍ତ, ମହିଳା ଓ ଶିଶୁ ବିକାଶ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ପ୍ରତିଷ୍ଠାନ ଏବଂ ସଂସ୍କୃତି, ବ୍ରହ୍ମପୁର ମହାନଗର ନିଗମ ପ୍ରମୁଖ ବିଭାଗ ଓ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତୈଷୀ ଯୋଜନାର କାର୍ଯ୍ୟାନ୍ୱୟନର ସମୀକ୍ଷା କରିଛନ୍ତି । ସେ ମଧ୍ୟ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଜିଲ୍ଲାରେ ବାସ୍ତବ କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । କ୍ଷେତ୍ରସ୍ତରୀୟ ଅଧିକାରୀ ଓ କର୍ମଚାରୀମାନଙ୍କ କାର୍ଯ୍ୟଶୈଳୀ ଏବଂ ଜନସାଧାରଣମାନଙ୍କ ଭାଗିଦାରୀ ବିଷୟରେ ସେ ଅବଗତ ହୋଇଥିଲେ । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଭିଯୋଗ ଶୁଣାଣୀ, ସିଭିଲ ସର୍ଭିସର ପରୀକ୍ଷାର୍ଥୀଙ୍କ ନିମନ୍ତେ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ଲକ୍ଷ୍ୟ ନିକେତନ ପ୍ରଶିକ୍ଷଣ ବ୍ୟବସ୍ଥା, ପରିବେଶ ସୁରକ୍ଷା ନିମନ୍ତେ 'ପ୍ରକୃତି ପାଇଁ ପ୍ରତିଜ୍ଞା' ଓ ଜିଲ୍ଲା ପ୍ରଶାସନର ଅନ୍ୟ ସମସ୍ତ ଅଭିନବ ପ୍ରୟାସ ସମ୍ବନ୍ଧରେ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ । ଜିଲ୍ଲା ପ୍ରଶାସନର ଏଭଳି ଅଭିନବ କାର୍ଯ୍ୟକ୍ରମର ସେ ପ୍ରଶଂସା କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ଓ ଦେବଦତ୍ତ ପଣ୍ଡା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଯୁଗ୍ମ ନିର୍ଦ୍ଦେଶକ ଦେବକଲ୍ୟାଣ ବେହେରା, ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ



ନବରଙ୍ଗପୁର,୭।୩ (ନି.ପ୍ର): ନବରଙ୍ଗପୁର ସିନେମା ହଲ ନିକଟରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଭାସୀ ମାଧ୍ୟମରେ ଯୋଗ ଦେଇ ନବରଙ୍ଗପୁର ସାଇବର ଓ ଅର୍ଥନୈତିକ ଥାନାର ଉଦ୍‌ଘାଟନ କରି ଲୋକାର୍ପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ମାଝୀ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ନାଏକ, ପୋଲିସ ଉପ ମହାନିର୍ଦ୍ଦେଶକ (କୋରାପୁଟ) ଡ଼କ୍ଟର କନୱାର ବିଶାଲ ସିଂ, ଉପ ମହାନିର୍ଦ୍ଦେଶକ ତଥା ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମାଦେକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ୍ ବର୍ମନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡକ୍ଟର ସୁକାନ୍ତ ଶତପଥୀ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ନବରଙ୍ଗପୁର ପୌରପାଳିକା ଉପାଧ୍ୟକ୍ଷା ସୌମ୍ୟ ମହାପାତ୍ର , ଆରକ୍ଷୀ ନିରୀକ୍ଷକ ଅଜୟ କୁମାର ଏକ୍କା, ନବରଙ୍ଗପୁର ଟାଉନ ଥାନା ଅଧିକାରୀ ସମ୍ବି ବେହେରା , ଜିଲ୍ଲା କ୍ରୀଡା ସଂଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କାଉନସିଲ ନଗେନ୍ଦ୍ର ପଟ୍ଟନାୟକ ସମେତ ଅନେକ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନର ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପୋଲିସ ପ୍ରଶାସନର କର୍ମକର୍ତ୍ତା ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ ଏହି ଥାନାରେ ଜଣେ ଅତିରିକ୍ତ ଥାନା ଅଧିକାରୀ,, ୪ ଜଣ ଥାନା ଅଧିକାରୀ , ୨ ଜଣ ସହ ଥାନା ଅଧିକାରୀ, ଏବଂ ୮ଜଣ ପୋଲିସ କାର୍ଯ୍ୟ କରିବେ । ପୂର୍ବରୁ ନବରଙ୍ଗପୁର ଜିଲ୍ଲା ରେ ସାଇବର ଅବରାଧୀଙ୍କୁ ଧରିବାକୁ ପୁଲିସ୍ ପ୍ରଶାସନ ପକ୍ଷରୁ ଅପରେସନ୍ 'କବଚ' ଆରମ୍ଭ ହୋଇଥିଲା । ଏଥିରେ ଜିଲ୍ଲାର ୨୫୫ଟି ବ୍ୟାଙ୍କ୍ ଆକାଉଣ୍ଟରେ କୋଟିଏରୁ ଅଧିକ ଟଙ୍କାର ବେଆଇନ କାରବାର ହୋଇଥିବା ଜଣାପଡ଼ିଛି । ସେଥିରେ ଅନେକ ବେନାମୀ ଆକାଉଣ୍ଟ ଥିବା ନେଇ ନେଇ ଜିଲ୍ଲାର ବିଭିନ୍ନ ଥାନାରେ ୯ଟି ମାମଲା ରୁଜୁ ହୋଇଛି ଛ ୨୪ ଜଣ ବ୍ୟାଙ୍କ୍ ଖାତାଧାରୀଙ୍କୁ ପୁଲିସ୍ ପକ୍ଷରୁ ନୋଟିସ୍ ଜାରି କରାଯାଇଛି । ୨୫୫ ବ୍ୟାଙ୍କ ଖାତା ଯାଞ୍ଚ, ୯ ମାମଲା ରୁଜୁ, ୨୪ ଜଣଙ୍କୁ ନୋଟିସ୍ କରାଯାଇଥିବା ଜଣାଯାଇଛିଛ ସାଇବର କ୍ରାଇମ ନେଇ ୨୦୨୫ରେ ଗୋଟିଏ ମାମଲା ରୁଜୁ ହୋଇଥିବା ବେଳେ ବର୍ତ୍ତମାନ ୮ ଟି ନୂଆ ମାମଲା ପୋଲିସ୍ ରୁଜୁ କରି ତଦନ୍ତ ଚାଲୁ ରଖିଛି ।

# ଭଞ୍ଜନଗର-ବ୍ରହ୍ମପୁର ରାସ୍ତାର ୧୧ ସ୍ଥାନରେ ସିସି କ୍ୟାମେରା

ଭଞ୍ଜନଗର, ୭।୩ (ନି.ପ୍ର): ଜାତୀୟ ରାଜପଥରେ ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ ପରେ ଦ୍ରୁତ ଗତିରେ ଯାଉଥିବା ଯାନବାହନ ଗୁଡ଼ିକ ଉପରେ ଅଙ୍କୁଶ ଲଗାଇବାକୁ ପରିବହନ ବିଭାଗ ଅଣ୍ଟା ଭିଡ଼ିଛି । ଏଥିପାଇଁ ଭଞ୍ଜନଗର-ବ୍ରହ୍ମପୁର ଜାତୀୟ ରାଜପଥର ୧୧ ଟି ସ୍ଥାନ ଚିହ୍ନଟ କରାଯାଇ କ୍ୟାମେରା ଲଗାଯାଇଛି । ଯାହାକି ଦ୍ରୁତ ଗତିରେ ଯାଉଥିବା ଗାଡ଼ି ଉପରେ ନଜର ରଖିବା ସହ ଅପରାଧୀଙ୍କ ଗତିବିଧି ବିଷୟରେ ବି ଜାଣିହେବ । ଜାତୀୟ ରାଜପଥ ବିଭାଗ ପକ୍ଷରୁ ସ୍ଥାନ ଚିହ୍ନଟ ପରେ ସମସ୍ତ ୧୧ଟି ଯାକ ସ୍ଥାନରେ କ୍ୟାମେରା ଲାଗିସାରିଛି । ବର୍ତ୍ତମାନ ଭଞ୍ଜନଗର ଠାରୁ ବ୍ରହ୍ମପୁର ମଧ୍ୟରେ ୧୧ ଟି ସ୍ଥାନରେ କ୍ୟାମେରା ଲାଗିଛି । ଏସ୍ ଏଟିଏ (ଷ୍ଟେଟ୍ ଟ୍ରାନ୍ସପୋର୍ଟ ଏଜେନ୍ସି) ଦ୍ୱାରା ସିଧାସଳଖ ଏହି ସମସ୍ତ ସ୍ଥାନର କ୍ୟାମେରାକୁ ମନିଟରିଂ କରାଯାଉଛି । ଇଣ୍ଟିଗ୍ରେଟେଡ୍ ଏନ୍ଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମରେ ଏସଟିଏ ଭିସିଆର୍ କରିବ । ବେପରୁଆ ଗାଡ଼ି ଚାଳନା, ବିନା ହେଲମେଟରେ ଗାଡ଼ି ଚାଳନା, ଭୁଲ୍‌ରାସ୍ତାରେ ଗାଡ଼ି ଚାଳନା ଓ ଦ୍ରୁତ ଗତି ଉପରେ ଏହି କ୍ୟାମେରା ନଜର ରଖିବ । ଏହା ସହ ସମସ୍ତ ବର୍ଗର ଯାନବାହନ ଉପରେ ମଧ୍ୟ ଏହି କ୍ୟାମେରା ଦ୍ୱାରା ନଜର ରଖାଯିବ । ଯାତ୍ରୀବାହୀ, କମର୍ସିଆଲ ଓ ବେସରକାରୀ ଗାଡ଼ିର ସର୍ବାଧିକ ଗତିକୁ ପରିବହନ ବିଭାଗ ସ୍ଥିର କରିବ ।

# ଦୁଇ ବାଇକ ଧକ୍କା, ୪ ଗୁରୁତର

ଖଲ୍ଲିକୋଟ, ୭।୩ (ନି.ପ୍ର): ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖଲ୍ଲିକୋଟ ତହସିଲ କାର୍ଯ୍ୟାଳୟ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଛି । ଚାରି ଆହତ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ କେନ୍ଦୁପାଟ ଗ୍ରାମର ଦୁଇ ଭାଇ ଦୀପକ ଗୌଡ ଓ ମିଟୁ ଗୌଡ ଏବଂ ଖୋର୍ଦ୍ଧା ଜିଲ୍ଲା ଚିଲିକା ଫାଣ୍ଡି ଅନ୍ତର୍ଗତ ଡକୁଳ ଗ୍ରାମର ସତ୍ୟ ନାରାୟଣ ନାୟକ ଓ ରାଜ କୁମାର ନାୟକ ବୋଲି ଜଣାପଡିଛି । ଦୀପକ ଓ ମିଟୁ ଗୋଟିଏ ବାଇକରେ ଖଲ୍ଲିକୋଟ ଠାରୁ କୋଦଳା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକରେ ସତ୍ୟ ନାରାୟଣ ଓ ରାଜ କୁମାର ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ନିର୍ମଳଝର ଠାରୁ ଭରସା ମଝିରେ ତହସିଲ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ଉଭୟ ବାଇକ ମଧ୍ୟରେ ବହୁ ଯୋରରେ ଧକ୍କା ହୋଇଥିଲା । ଫଳରେ ଉଭୟ ଗାଡି ରାସ୍ତାରେ ପଡିବା ସହ ଚାରି ଜଣ ବାଇକ ଆରୋହୀ ରାସ୍ତା କଡରେ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକମାନେ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ପରେ ଆହତ ସମସ୍ତଙ୍କୁ ନିକଟସ୍ଥ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛିଛ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି ।

# ପୋଲିସ ପଞ୍ଝାରେ ବେଆଇନ ଗୋ ଚାଲାଣକାରୀ , ୪ ଗିରଫ



ବୁଗୁଡା, ୭।୩ (ନି.ପ୍ର): ସମ୍ପ୍ରତି ବୁଗୁଡା ଅଞ୍ଚଳରେ ଘନ ଘନ ଛେଳି ଚୋରି ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଗତକାଲି ରାତିରେ ପୋଲିସ ପେଟ୍ରୋଲିଂ ସମୟରେ ୨ଟି ବେଆଇନ ଗୋଚାଲାଣ ଗାଡିକୁ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ଅନ୍ତର୍ଗତ ହରଚଣ୍ଡୀସାହିର ବଳରାମ ମଲ୍ଲିକ (୪୨) ଓ ଶିବ ସେନାପତି(୨୪) , ଶରଣକୁଳ ଥାନା ଅନ୍ତର୍ଗତ ହରିହରପୁର ଗାଁର ଅମଜାଦ୍ ଖାନ୍(୪୦) ଓ ଜଗତସିଂହପୁର ଜିଲ୍ଲାର ନାଉଗାଁ ଥାନା ଅନ୍ତର୍ଗତ ଅରଖପାରି ଗ୍ରାମର ଦିବ୍ୟଜ୍ୟୋତି ବେହେରା (୨୧) । ଏ ନେଇ ବୁଗୁଡା ଥାନାରେ କେସ୍ ନଂ ୧୦୯/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଥାନା ଏସ୍‌ଆଇ ଜ୍ୟୋତିଶ୍ରୀ ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବିଳମ୍ବିତ ରାତିରେ ପେଟ୍ରୋଲିଂ କାଳରେ ବି.ବ୍ରହ୍ମପୁର ଗାଁ ଛକରେ ଯାନବାହାନ ଯାଞ୍ଚ କରୁଥିବା ବେଳେ ୨ଟି ଅବୈଧ ଗୋଚାଲାଣ ଗାଡିକୁ କାବୁ କରିଥିଲେ । ସେଥିରୁ ଏକ ଆଇଜର ଗାଡି (ନଂ-ଓଡି - ୦୨ ସିଏସ୍ - ୯୦୪୫)ରେ ଥିବା ୩ଟି ଗାଈ, ୧୨ଟି ବଳଦ ଓ ଏକ ଲମ୍ବା ରଶି ପାଇଥିଲା ବେଳେ ଅନ୍ୟ ଏକ କିୟା କାର (ନଂ-ଓଡି - ୦୨ ସିୱାଇ - ୪୪୮୯) ଭିତରେ ୨ଟି ବାଛୁରୀ ଥିବା ଜଣାପଡିଥିଲା । ସେଠାରୁ ପୋଲିସ ୨ଟି ଗାଡି ଏବଂ ସେଥିରେ ବୋଝେଇ ୧୭ଟି ଗୋରୁକୁ ଜବତ କରିଥିଲା । ଏହି ବେଆଇନ ଗୋଚାଲାଣ ଘଟଣାର ତଦନ୍ତ ଦାୟିତ୍ୱରେ ଏସ୍‌ଆଇ ବିନାୟକ ବିଧାର ରହିଥିବା ବେଳେ ଜବତ ଗୋରୁଗୁଡିକୁ କରଚୁଲି ଗ୍ରାମସ୍ଥ ଗୋଶାଳାକୁ ପଠାଯାଇଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ପାଇଛି ।

# ରକ୍ତ ଦାନ ଶିବିର,୩୦ ୟୁନିଟ ସଂଗ୍ରହ



ଗଞ୍ଜାମ, ୭।୩ (ନି.ପ୍ର): ଗଞ୍ଜାମ ସହର ସ୍ଥିତ ଯଶୋଦା ଡିଗ୍ରୀ ମହିଳା ମହାବିଦ୍ୟାଳୟ ପରିସରରେ ଗଞ୍ଜାମ ପ୍ରେସ କ୍ଲବ ଓ ଗ୍ରାସୀମ କମ୍ପାନୀ ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଗ୍ରାସୀମ କମ୍ପାନୀ ୟୁନିଟ ହେଡ଼ ଅଜୟ ଗୁପ୍ତା,ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ସୁସ୍ମିତା ବେହେରା,ପୁରସ୍ତମ ମୁଦୁଲି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଶିବିରରେ ରକ୍ତଦାନ ମହାପୁଣ୍ୟ ସମାଜକୁ ସଚେତନତା ବାର୍ତ୍ତା ଦେଇ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ଗଣ ମାଧ୍ୟମ ପ୍ରତିନିଧି ମାନେ ଉତ୍ସାହିତ କରିଥିଲେ । ଉକ୍ତ ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସ୍ଥାନୀୟ ଛତ୍ରପୁର ୮ବାଟାଲିୟନ ଦୁର୍ଗପତି ସାରଦା ପ୍ରସାଦ ଦାସ,ସହକାରୀ ଦୁର୍ଗପତି ବିଶ୍ୱଜିତ ବିଶ୍ୱାଳ ହାବିଲଦାର ସିପାହୀ ଶାଖା ସଙ୍ଘ ସଭାପତି ଯଶୋବନ୍ତ ସ୍ୱାଇଁ, ସ୍ଥାନୀୟ ଥାନା ଅଧିକାରୀ ସୁମିତ୍ରା ପାତ୍ର, ସମାଜସେବୀ ସିଏଚ ବୈରାଗି ରେଡି, ସମିତିସଭ୍ୟ ଧ୍ରୁବ ଚରଣ ପଲାଇ, ଆଇନଜୀବୀ ଛାୟାକାନ୍ତ ପ୍ରଧାନ,ନ୍ୟାୟବ ସରପଞ୍ଚ କୃଷ୍ଣ ପ୍ରଧାନ,ମହାବିଦ୍ୟାଳୟ ମୁଖ୍ୟ ପରିଚାଳକ ମଙ୍ଗରାଜ ପଣ୍ଡା, ଅଧ୍ୟକ୍ଷା ସୁନିତା ରାଉତ ରାୟ, ଅଧ୍ୟାପକ ଆକାଶ ସାହୁ, ଅଧ୍ୟାପକ ଦୁର୍ଗା ଚରଣ ଦାଶ,ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସମ୍ପାଦିକ ଙ୍କ ଏପରି ଜନ କଲ୍ୟାଣ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ସଭାପତି ଶବର କୁମାର ତରାଇ, ସମ୍ପାଦକ ବିଦ୍ୟାଧାର ସାହୁ, ଉପଦେଷ୍ଟା ଉମାକାନ୍ତ ବେହେରା, ମୁରଲୀ ପ୍ରଧାନ, ବିଜୟଲକ୍ଷ୍ମୀ ମହାକୁଡ଼, ପ୍ରଦୀପ ପଣ୍ଡା, ବଟକୃଷ୍ଣ ରାଉଳ, ନିରଞ୍ଜନ ପରିଡା,ସୁଧିର କୁମାର ପାଢ଼ୀ, ରାକେଶ ରଞ୍ଜନ ଦାସ, ନୀଳାଞ୍ଚଳ ସେନାପତି,ରାକେଶ କୁମାର ନାୟକ, ପ୍ରକାଶ ପଲାଇ, ମନୋଜ ପ୍ରଧାନ ପ୍ରମୁଖଙ୍କ ସହ ଏଲେୟା ରେଡି, ସୁନିଲ ବେହେରା ଓ ଗଞ୍ଜାମ ମହାବିଦ୍ୟାଳୟ ଏନସିସି କ୍ୟାଡେଟ ମାନେ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ । ବ୍ରହ୍ମପୁର ରକ୍ତଭଣ୍ଡାର କର୍ମକର୍ତ୍ତାର ଏକ ଟିମ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ କାରାଦଣ୍ଡ

କଟକ, ୭।୩ (ନି.ପ୍ର): ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତକୁ ଶୁକ୍ରବାର କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ସଜା ଶୁଣାଇଛନ୍ତି । ଅଭିଯୁକ୍ତ କୃଷ୍ଣଚନ୍ଦ୍ର ମଲ୍ଲିକକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସଜା ଶୁଣାଇଛନ୍ତି କୋର୍ଟ । ଜରିମାନା ବାବଦ ୨୦ହଜାର ଟଙ୍କା ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଏହା ବ୍ୟତୀତ ଜରିମାନା ଅନାଦେୟ ଗୋଟିଏ ବର୍ଷ ଅଧିକ କାରାଦଣ୍ଡାଦେଶ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କ୍ଷତିପୂରଣ ବାବଦ ନାବାଳିକାକୁ ୪ ଲକ୍ଷ ଟଙ୍କା ଦେବା ପାଇଁ କୋର୍ଟ ଜିଲ୍ଲା ଆଇନସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ, ୨୦୨୫ ଜୁନ ୭ ତାରିଖରେ ସ୍ଥାନୀୟ ମଂଗଳାବାଗ ଅଂଚଳରେ ଏହି ଜଘନ୍ୟ ଘଟଣା ଘଟିଥିଲା । ନାବାଳିକା ଜଣକ ସାଂଗମାନଙ୍କ ସହ ଖେଳୁଥିବାବେଳେ ତାଙ୍କୁ ଅଭିଯୁକ୍ତ ବଳପୂର୍ବକ କୁକର୍ମ କରିଥିଲା । ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ମା ବାପା ସଂଗେ ସଂଗେ ନାବାଳିକାକୁ ଏସସିବି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ନାବାଳିକାଙ୍କ ପରିବାର ଲୋକ ସ୍ଥାନୀୟ ମଂଗଳାବାଗ ଥାନାରେ ଏତଲା ଦେଲା ପରେ ପୋଲିସ ତଦନ୍ତ ଆଧାରରେ ଅନେକ ପ୍ରମାଣ ହସ୍ତଗତ କରିଥିଲା । ଏହା ପରେ ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଜି ସମସ୍ତ ସାକ୍ଷୀ ଓ ପ୍ରମାଣ ଆଧାରରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ କୋର୍ଟ କାରାଦଣ୍ଡ ଶୁଣାଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସ୍ୟୁକୁଟର କୃଷ୍ଣଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

# ଦଳିତ ଜାତିର ଲୋକଙ୍କୁ ପିଇବା ପାଣି ମିଳୁ ନଥିବା ଅଭିଯୋଗ



ଭଞ୍ଜନଗର, ୭।୨ (ନି.ପ୍ର): ସରକାର ବସୁଧା ଯୋଜନା ମାଧ୍ୟମରେ ପ୍ରତି ଘରକୁ ପାଇପ ଯୋଗେ ଜଳ ଯୋଗାଣର ସୁବିଧା କରିଛନ୍ତି । କିନ୍ତୁ ଆଜିବି ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଜଳ ଯୋଗାଣ ପହଞ୍ଚି ପାରିନି । ଗଞ୍ଜାମରେ ଜାତି ପ୍ରଥା ଆଜିବି ପ୍ରଚଳିତ ହୋଇଆସୁଛି ଛଜାତିରେ ଦଳିତ ଶ୍ରେଣୀର ହୋଇଥିବାରୁ ସାହିକୁ ଜଳ ଯୋଗାଣ କରାଯାଇନଥିବା ଏଭଳି ସାଙ୍ଘାତିକ ଅଭିଯୋଗ ଆଣୀଛନ୍ତି ଲୋକେ । ଗଞ୍ଜାମ ବେଲଗୁଣ୍ଠା ବ୍ଲକ କ୍ଷତ୍ରିୟବରପୁର ପଞ୍ଚାୟତ ଅଧୀନରେ ରହିଛି ବିଞ୍ଚୁଣା ଗ୍ରାମ । ଏହି ଗ୍ରାମର ୨୨ ନମ୍ବର ୱାର୍ଡର ହରିଜନ ସାହିକୁ ବାଦ ଦେଲେ ଆଉ ସବୁ ସାହିକୁ ପାଇପ ଯୋଗେ ଜଳ ଯୋଗାଣ କରାଯାଇଛି । ସାହିରେ ୧୨ ଟି ପରିବାର ଦୀର୍ଘ ବର୍ଷ ଧରି ରହି ଆସୁଛନ୍ତି । ଖରାଦିନ ଆସିଲେ ପିଇବା ପାଣି ମୁନ୍ଦାଏ ପାଇଁ ତହଳ ବିକଳ ହେଉଛନ୍ତି ଗ୍ରାମବାସି । ସାହିରେ ଗୋଟିଏ ନଳକୂପ ଥିବାରୁ ସେଥିରୁ ଜଂଗ ପାଣି ବାହାରୁଛି ପଥର କୂଅ ବି ଶୁଖି ଯାଉଛି । ପାଣି ଅଭାବରୁ ସାହିର ଅଧିକାଂଶ ଲୋକ ଗାଁ ଛାଡି ପଳାଉ ଥିବା ଅଭିଯୋଗ ହୋଇଛି । ପାଣି ପାଇଁ କିଲୋମିଟର ଦୂର ରାସ୍ତାକୁ ଯାଇ ପାଣି ଆଣୁଛନ୍ତି ମହିଳା ମାନେ । ୧୫ ବର୍ଷ ପୂର୍ବରୁ ସାହିରେ ଜଳ ଯୋଗାଣ ହୋଇଥିଲା ଷ୍ଟାଣ୍ଡ ପୋଷ୍ଟର ସୁବିଧା ରହିଥିଲା । ହେଲେ ତାହା ଅଚଳ ହେବା ପରେ ଜାତିଆଣ ଭେଦ ଭାବ ରଖି ମରାମତିକରାଯାଇନାହିଁ। ସେବେ ଠାରୁ ଆଜି ଯାଏଁ ବହୁବାର ସରପଞ୍ଚଙ୍କ ଠାରୁ ଜିଲ୍ଲାପାଳ ଯାଏଁ ସବୁଠି ଜଳଯୋଗାଣ କରିବା ପାଇଁ ଦାବି କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି ।

# କଲେଜ ଛାତ୍ରୀଙ୍କୁ ବ୍ଲେଡ଼ରେ ଆକ୍ରମଣ

ଗୋପ, ୭।୩ (ନି.ପ୍ର): ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ନାଗପୁରର ଜଣେ ପ୍ଲସ୍ ୨ କଲେଜ ଛାତ୍ରୀ ନିଜ ସାଇକେଲରେ ଗୋପ କଲେଜ ଯାଉଥିବା ବେଳେ ମୁଗୁରିଆ ଠାରେ କେହି ଦୁର୍ବୃତ୍ତ ତାଙ୍କୁ ଅଟକାଇ ଏକ ବ୍ଲେଡ଼ରେ ଅତର୍କିତ ଆକ୍ରମଣ କରିବା ଫଳରେ ଛାତ୍ରୀଙ୍କ ବେକ ଅଣ୍ଟା ଓ ଛାତିରେ ଗଭୀର ଆଘାତ ଲାଗିବା ପରେ ଛାତ୍ରୀ ଅଚେତ ଅବସ୍ଥାରେ ପଡି ଯାଇଥିଲେ । ଅଚେତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଦୁର୍ବୃତ୍ତ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି । ଅସାଜିକ ଯୁବକ ଦ୍ୱାରା ଏପରି ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରିବା ସହିତ ତୁରନ୍ତ ଦୋଷୀକୁ ଗିରଫ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ପ୍ରହସନ ପାଲଟିଛି ବୃକ୍ଷରୋପଣ ପ୍ରଦର୍ଶନ

ବୁଗୁଡା, ୭।୨ (ନି.ପ୍ର): ବୃକ୍ଷ ଆମର ବନ୍ଧୁ । ବୃକ୍ଷ ରୋପଣ ଏକ ମହତ କାର୍ଯ୍ୟ । କରିଲେ ବୃକ୍ଷର ଯତନ, ରହିବ ଆମ ଜୀବନଛ ଏଭଳି ଅନେକ ସତ୍ୟ ଓ ସୁନ୍ଦର ସ୍ଲୋଗାନ ଦେଇ ଜନସଚେତନା ସୃଷ୍ଟି କରିବାର ପ୍ରଚେଷ୍ଟା ସ୍ଥାନୀୟ ପିପୁଲ୍ସ କଲେଜର ଏନଏସଏସ ୟୁନିଟ୍ ୧ ଓ ୨ ପକ୍ଷରୁ କରାଯାଇଥିଲା । ୟୁନିଟ୍-୧ ଏବଂ ୟୁନିଟ୍-୨ର ପ୍ରୋଗ୍ରାମ ଅଫିସର ଦ୍ୱୟଙ୍କ ତତ୍ତ୍ୱାବଧାନରେ ପୃଥକ୍ ଭାବେ ଅନୁଷ୍ଠିତ ଦୁଇଟି ସପ୍ତଦିବସୀୟ ଶିବିର ଅନୁଷ୍ଠିତ ହୋଇଥିଲା । ତେବେ ସେହି ଅବସରରେ ଏନଏସଏସ ୟୁନିଟ୍-୧ ପକ୍ଷରୁ କେଉଁଠାରେ ବୃକ୍ଷ ରୋପଣ କରାଯାଇଥିଲା ତାହାର କୌଣସି ନିଦର୍ଶନ ନଥିବାବେଳେ ୟୁନିଟ୍-୨ର ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପିପୁଲ୍ସ କଲେଜ କ୍ରୀଡା ପ୍ରାଙ୍ଗଣ ପାଚେରୀ କଡେ ଏବଂ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । ଅତିଥିଙ୍କ ଗହଣରେ ବୃକ୍ଷରୋପଣ ବେଳେ ଅନେକ ଫଟୋ ଉଠାଯାଇଥିଲାଛ ଏହି ବିଷୟ ବିଭିନ୍ନ ଖବରକାଗଜ ସାଙ୍ଗକୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ବୃକ୍ଷରୋପଣକାରୀମାନେ ବିଭିନ୍ନ ମହଲରୁ ପ୍ରଶଂସା ପାଇବା ପରେ ବନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ କିମ୍ବା ପ୍ରକୃତି ମିତ୍ର ପୁରସ୍କାରଟିଏ ହାତେଇବାରେ ଆଶା ବାନ୍ଧିବା ସହ ଏଥି ନିମନ୍ତେ ଅଭିଯାନ ଆରମ୍ଭ କରିଥିବା ଜଣାଯାଇଛି । ଆବଶ୍ୟକୀୟ ଯତ୍ନର ଅଭାବରୁ ବୃକ୍ଷରୋପଣର କିଛି ମାସ ପରେ ଏବେ ଗୋଟିଏବି ଗଛର ଚିହ୍ନବର୍ଣ୍ଣ ନାହିଁ ଏବଂ ବୃକ୍ଷର ସୁରକ୍ଷା ପାଇଁ ବ୍ୟବହୃତ ଗହଣା ମଧ୍ୟ ଗାଏବ ହୋଇଯାଇଛି । ଫଳରେ ପିପୁଲ୍ସ କଲେଜ ଏନଏସଏସ ୟୁନିଟ୍ ଦ୍ୱୟ ପକ୍ଷରୁ ବହୁ ଆଡମ୍ବରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପ୍ରତି ଲଘୁକ୍ରିୟା ଯୋଗୁଁ ତାହା ପ୍ରହସନରେ ପରିଣତ ହୋଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଣୁ, ପରବର୍ତ୍ତୀ ସମୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କଲେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନହୁଏ ସେଥି ପ୍ରତି ଏନଏସଏସ ୟୁନିଟ ପ୍ରୋଗାମ ଅଫିସର ଯଥୋଚିତ ଯତ୍ନଶୀଳ ଏବଂ ସଚେତନ ରହିବା ବିଧେୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ବୃକ୍ଷରୋପଣ ଆଳରେ ମିଥ୍ୟାର ଆଶ୍ରୟ ନେଇ ପ୍ରକୃତି ବନ୍ଧୁ କିମ୍ବା ମିତ୍ର ପୁରସ୍କାର ହାତେଇବାର ଲାଳସା ରଖି ଆବେଦନ କରିଥିବା ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଅଯଥା ଅନୁମୋଦନରୁ ସ୍ଥାନୀୟ ବନ ବିଭାଗ କର୍ତ୍ତୃପକ୍ଷ ନିବୃତ୍ତ ରହିବା ଜରୁରୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଥିଲା ବେଳେ କଲେଜର ଏନଏସଏସ ୟୁନିଟ୍ ଗୁଡିକୁ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ରୋପିତ ଅନେକ ବୃକ୍ଷର ରକ୍ଷଣାବେକ୍ଷଣ ପାଇଁ ଯୋଗାଯାଉଥିବା ପାଣ୍ଠିର ଦୁରୁପଯୋଗ ଯେପରି ନହୁଏ ସେଥି ପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ତେବେ ଏ ନେଇ ପିପୁଲ୍ସ କଲେଜ ପ୍ରିନ୍ସିପାଲ ଡ.ପୁରୁଷୋତ୍ତମ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏନଏସଏସ ୟୁନିଟ୍ ପକ୍ଷରୁ ରୋପିତ ବୃକ୍ଷଗୁଡିକର ସାମ୍ପ୍ରତିକ ସ୍ଥିତିର ସତ୍ୟାପନ ପରେ ହିଁ ବୃକ୍ଷର ସୁରକ୍ଷା ପାଇଁ ଆସିଥିବା ପାଣ୍ଠି ପ୍ରଦାନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।



# ଦୁଃଖ ପରେ ସୁଖ

## ସୁନନ୍ଦା ମହାନ୍ତି

ଡାକ୍ତର ପଚାରିଲେ ଆଛା ଆପଣ ସୁନାମୁଦି ମାଟିରେ କାହିଁ ପୋତିଲେ? ଉତ୍ତର ନଥିଲା। ମାଟି କାହିଁକି ଖାଉଛନ୍ତି? ତଥାପି କିଛି ଉତ୍ତର ଦେଉନଥିଲେ ଅଭିନବ। ପୁଅ କହୁଥିଲା ଖାଲି ସେତିକି ନୁହେଁ ଆଜ୍ଞା ଘରର ସବୁ ଜିନିଷ ପତ୍ର ପାଣିରେ ଫୋପାଡି ତାଳି ମାରନ୍ତି କେବେ କେବେ ତ ଖୁବ କାନ୍ଦନ୍ତି ପୁଣି କେବେ ହସନ୍ତି। ଡାକ୍ତର ଚିନ୍ତାଗ୍ରସ୍ତ ରହିଲେ କାରଣ ଅଭିନବଙ୍କୁ ସେ ଜାଣନ୍ତି। ପ୍ରଥମ ଦୁଇବର୍ଷ କଲେଜରେ ପଢିବା ବେଳୁ ସେ ଅଭିନବଙ୍କୁ ଜାଣନ୍ତି। ଏକାଠି ଅନେକ ଥର ଅଭିନବଙ୍କ ସଙ୍ଗେ ମିଶି ତାଙ୍କ ଗାଁକୁ ଯାଇଛନ୍ତି। ଗାଁରେ ମାଉସୀଙ୍କ ହାତରୁ ଯିଏ ସେ ଆରିଷା ପିଠା ଖାଇଥିବ ସେ କଣ କେବେ ଭୁଲିବ! ଦୁଇବର୍ଷ ପାଠ ପଢା ଭିତରେ ଅଭିନବ ଆର୍ଟ୍ସରେ ଟପ୍ପର ହେଲା ଓ ସେ ସାଇନ୍ସରେ ଟପ୍ପର ହୋଇ ଡାକ୍ତରୀ ଲାଇନକୁ ଗଲାପରେ ଅଭିନବ ତା ବ୍ୟାଚର ଟପ୍ପର ଓଏସ ଲିଷ୍ଟରେ ଥିଲା। କିନ୍ତୁ ଆଜି ତାର ଏଭଳି ଅବସ୍ଥା ଦେଖି ନିଜ ଆଖିକୁ ବିଶ୍ୱାସ କରି ପାରୁ ନଥିଲେ ଡାକ୍ତର ନବନୀତ ପଟ୍ଟନାୟକ। ହଠାତ ପଚାରିଦେଲେ ଆଛା ତୁମ ମାଆଙ୍କ ନାମ ବିନି ତ? ନାହିଁ ଆଜ୍ଞା ମୋ ମାଆଙ୍କ ନାମ ମାୟା। ମାୟା ପଟ୍ଟନାୟକ। ଚିନ୍ତିତ ହୋଇପଡିଲେ ଡାକ୍ତର ନବନୀତ କାରଣ ସେ ଭଲ କରି ଜାଣିଥିଲେ ଅଭିନବ ପଟ୍ଟନାୟକ ତାଙ୍କ ଗାଁ ଝିଅ ବିନିକୁ ହିଁ କଥା ଦେଇଥିଲା ତାକୁ ବାହା ହେବ ବୋଲି। ତେବେ ମାୟା କିଏ? ସେ କେମିତି ଅଭିନବ ଜୀବନରେ ଆସିଲା, ତା ପୁଅକୁ ପଚାରିନପାରି କେବଳ କହିଥିଲେ ଆଛା କହିଲ ଦେଖି, ତୁମ ଜେଜେମା କୋଉଠି? ସେ ଗାଁରେ ଆଜ୍ଞା। ଆମେ ମାଆ ମୁଁ ଓ ବାପା ଏଇ ସହରରେ ରହୁ। ଗାଁରେ ବୁଢୀମା ରହେ। ଏଥର ସଜାଡି ହୋଇ ବସିଲେ ଡାକ୍ତର। କହିଲେ ମୁଦିଟିକୁ ମତେ ଦେଖେଇ ପାରିବ ରାଜେଶ। କୋଉ ମୁଦି ଆଜ୍ଞା? ଯୋଉ ମୁଦିଟାକୁ ତୁମ ବାପା ଥରକୁ ଥର ମାଟିରେ ପୋତି ଦିଅନ୍ତି। ପକେଟରେ ଯତ୍ନରେ ରଖିଥିବା ମୁଦିଟିକୁ କାଢ଼ି ରାଜେଶ ଡାକ୍ତରଙ୍କ ହାତକୁ ବଢ଼େଇ ଦେଲା। ଯୋଉଥିରେ ମାୟା ଲେଖାଯାଇଥିଲା। ଏତିକିରୁ ନବନୀତ ସ୍ଥିର ନିଶ୍ଚିନ୍ତ ହେଲେ ଯେ ମୁଦିଟିକୁ ଅଭିନବ ଘୃଣା କରନ୍ତି ନିଶ୍ଚୟ। ତେବେ ତାଙ୍କ ସ୍ତ୍ରୀଙ୍କ ସହ ଅଭିନବଙ୍କର କେମିତି ସମ୍ପର୍କ ପଚାରି ନପାରି ନବନୀତ ରାଜେଶଙ୍କୁ କହିଥିଲେ ତୁମ ବାପାଙ୍କ କେଶ ଖୁବ ଜଟିଳ। ତାଙ୍କ କେଶ ହିଷ୍ଟ୍ରି ଷ୍ଟଡି ନକଲେ ଯେତେ ଔଷଧ ଦେଲେ ମଧ୍ୟ କାମ କରିବ ନାହିଁ। ଆଛା ପୁଅ ବାପାଙ୍କ ମୁଣ୍ଡ ବିଗିଡିବାର କାରଣ କଣ ତୁମେ କିଛି କହିପାରିବ ରାଜେଶ? ଗୋଟେ ସଚୋଟ ଅଫିସରଙ୍କ ନିଜ ମାନସିକ ସ୍ଥିତି ଠିକ ନାହିଁ ମାନେ ଦୁଇଟି କାରଣ ଥାଇପାରେ। କଣ ଆଜ୍ଞା? ପ୍ରଥମତଃ ଅସନ୍ତୁଷ୍ଟ ଚାକିରୀ। ହେଲେ ବାପା ତ ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ନେଇସାରିଛନ୍ତି ବିଗତ ପାଞ୍ଚ ବର୍ଷ ଆଗରୁ। ହଉ ତୁମେ ଏ ଔଷଧ ନେଇ ଯାଅ। ପନ୍ଦର ଦିନ ପରେ ଆସି ମତେ ଦେଖାକର। ପନ୍ଦର ଦିନ ପରେ ଆସିବା ଦୂର କଥା ପାଞ୍ଚ ଦିନ ପରେ ବାପାଙ୍କୁ ନେଇ ପୁଣି ଆସିଥିଲା ରାଜେଶ ହସ୍ପିଟାଲ ଓ କହିଥିଲା ବାପାଙ୍କୁ ଆଉ ବୁଝେଇ ହେଉନି ଆଜ୍ଞା ଖାଲି ମାଟି ଓ ମାଆ ଦୁଇଟି ଶବ୍ଦ କହି ମାଟି ପୁଳା ପୁଳା ଖାଉଛନ୍ତି। ଆଛା ମାଆଙ୍କୁ ସଙ୍ଗରେ ଆଣିଲନି କିଛି ତଥ୍ୟ ବୁଝିବାର ଥିଲା ତ ହଉ ମୁଁ ନିଜେ ଯିବି ମାଆଙ୍କୁ ଦେଖା କରିବାକୁ ତୁମେ ଅପେକ୍ଷା କର କାରଣ ଅଭିନବ କେବଳ ତୁମ ବାପା ନୁହଁନ୍ତି ମୋର ମଧ୍ୟ କେବଳ ପେସେଣ୍ଟ ନୁହଁନ୍ତି ବରଂ ଭଲ ସାଙ୍ଗ ଥିଲୁ ଆମେ ଆଉ ଉଚ୍ଚମନା ଅଭିନବକୁ ଦେଖି ମୋର କାହିଁକି ସନ୍ଦେହ ହେଉଛି କିଛି ଗୋଟେ ବଡ଼ କାରଣ ଅଛି ଏଥିରେ ଯୋଉଥିପାଇଁ ତାଙ୍କର ଏ ନର୍ଭସ ଅବସ୍ଥା।

ଟିକେ ପରେ ନିଜେ ଡାକ୍ତର ନବନୀତ ବନ୍ଧୁ ଅଭିନବଙ୍କ ସହ ତାଙ୍କ ପୁଅ ରାଜେଶ ସଙ୍ଗେ ଘରକୁ ଆସି ମାୟାକୁ ଭେଟି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଥିଲେ। ସ୍ୱାମୀଙ୍କ ଏପରି ଅବସ୍ଥାରେ ଟିକେ ବି ବିଚଳିତ ନଥିଲେ ଉଗ୍ର ଆଧୁନିକା ମହିଳା ମାୟା ବରଂ କହିଥିଲେ ଓଏସ ପାଇଲେ କଣ ହେବ ଯାହାର ମନରୁ ଗାଁ ନିଶା ଯାଇନି ସେ କେମିତି ସୁସ୍ଥ ମସ୍ତିଷ୍କ ରହିପାରିବେ? ମାୟାଙ୍କର ଏହି ସଂକ୍ଷିପ୍ତ କଥାବାର୍ତ୍ତାରୁ କିଛି କ୍ଳୁ ପାଇଗଲେ ଡାକ୍ତର ନବନୀତ। ପୁଅ ରାଜେଶର ଦୁଃଖରେ ବିଗଳିତ ହୋଇ କହିଲେ ମୋର ମୋ ସାଙ୍ଗ ପାଇଁ କିଛି କର୍ତ୍ତବ୍ୟ ଅଛି ପୁଅ ଚାଲ ତୁମ ଗାଁକୁ ଯିବା ଅଭିନବକୁ ନେଇ। ଗାଁରେ ପହଞ୍ଚୁ ପହଞ୍ଚୁ କି ପିଲା ବୁଢା ସମସ୍ତେ ଦଉଡି ଆସିଥିଲେ ଅଭିନବଙ୍କୁ ଦେଖିବାକୁ। ଖାଲି ଖାଲି ନୁହେଁ, ଠିକ ସେହି ରୋଷଣୀ ବାଜା ନାଚ ଗୀତ ଭିତରେ, ଯେମିତି ଅଭିନବ ଓଏସ ପାଇବା ଦିନ ବଧେଇ ଜଣେଇବାକୁ ସମସ୍ତେ ଆସିଥିଲେ। ଡାକ୍ତର ଲକ୍ଷ କରୁଥିଲେ କିଛିବି ପରିବର୍ତ୍ତନ ନଥିବା ଅଭିନବ ଯେବେ ମାଆଙ୍କୁ ଦେଖିଥିଲେ ଭୋ ଭୋ କାନ୍ଦିଥିଲେ। ମାଆଙ୍କ ପାଖରେ କେହି ନଥିଲେ। ଯିଏ ଥିଲେ ସେ କିଏ ପ୍ରଶ୍ନରେ ମାଉସୀ କହିଥିଲେ ଆକୁ ଚିହ୍ନି ପାରୁନୁ ନବ? ଏ ପରା ବିନି। ଓଏସ ପାଇବା ପରେ ଅଭିନବ ସିନା ମାୟାକୁ ପସନ୍ଦ କରି ବାହା ହୋଇଗଲା ହେଲେ ବିନି ଚିରକୁମାରୀ ରହି ମୋର ସେବା କରୁଛି। ବାହା ହୋଇ ଚାକିରୀ ଜାଗାକୁ ମାୟାକୁ ନେଇ ଗଲା ଯେ ଗଲା। ମୁଁ ମଝିରେ ମଝିରେ ଯାଉଥିଲି ହେଲେ ବଡ଼ଲୋକ ଘର ଝିଅ ମାୟାର ବ୍ୟବହାର ସହି ନପାରି ଫେରିଆସିଲି। ବିନିର ବାପା ମରିଗଲା ପରେ ତା ମୁଁହକୁ ଚାହିଁ ବଞ୍ଚିଛିରେ ନବା ମୋ ପୁଅକୁ ଭଲ କରିଦେ ଧନ। ଚାନ୍ଦ ଯେତେ ଦୂରରେ ଥିଲେ ମଧ୍ୟ ସେ ଆକାଶର। ମୋ ପୁଅ ଭଲରେ ଥିଲେ ଭଲ।

ଆଜି ବି ମାଉସୀ ସେମିତି ସ୍ନେହ ଶ୍ରଦ୍ଧାର ଜୀବନ୍ତ ନାରୀ ପ୍ରତିମୂର୍ତ୍ତୀଟିଏ। ବିନି ଦେବୀଙ୍କ ସାହାଯ୍ୟରେ କେତେ ପ୍ରକାର ସୁସ୍ୱାଦୁ ଭୋଜନରେ ଆପାୟିତ କରୁ କରୁ ଅଭିନବର ଏ ପ୍ରକାର ପାଗେଳାମୀର କାରଣ ଯେ ମାୟା ଏକଥା ବୁଝିବାକୁ ବାକି ନଥିଲେ ମଧ୍ୟ ଏତେ ସବୁ ପରେ ଅଭିନବର ନିର୍ବିକାର ରହିବା ଦେଖି ଡାକ୍ତର ନବନୀତ ରାଜେଶକୁ କହିଥିଲେ ତୁମେ କଲେଜକୁ ଫେରିଯାଅ ରାଜେଶ। ମୋ ସାଙ୍ଗ ଅଭିନବ କେମିତି ଭଲ ହେବ ସେକଥା ମତେ ଲାଗିଲା। ତୁମେ କେବଳ ଗୋଟେ ଲଫାପା ନେଇ ତୁମ ମାଆଙ୍କୁ ଦେବ ଓ ମୋ ଛୁଟି ଦରଖାସ୍ତ ହସ୍ପିଟାଲରେ ଦେଇ ତୁମ ପାଠପଢ଼ାରେ ତୁମେ ଧ୍ୟାନ ରଖିବ। ଡାକ୍ତର ନବନୀତଙ୍କ କହିବା ଅନୁଯାୟୀ ରାଜେଶ ଲଫାପା ଓ ଛୁଟି ଦରଖାସ୍ତ ଧରି ସହରକୁ ଚାଲିଯାଇଥିଲା। ବିନିଙ୍କ ସହିତ କଥାବାର୍ତ୍ତା ହୋଇ ନବନୀତ ଜାଣି ପାରିଥିଲେ ଓଏସ ପାଇବା ପରେ ଅଭିନବ ବଦଳି ଯାଇଥିଲେ। ବିନି ପରିବର୍ତ୍ତେ ମାୟାଙ୍କୁ ହିଁ ପସନ୍ଦ କରୁଥିଲେ। କିନ୍ତୁ ମାୟା ଅଭିନବଙ୍କୁ ସନ୍ଦେହ କରି ତାଙ୍କୁ ଗାଁରୁ ଦୂରେଇ ରଖୁଥିଲେ। ଏମିତିକି ମାଉସୀଙ୍କୁ ଦେଖିବାକୁ ଛାଡ଼ି ଦେଉନଥିଲେ। ତାର କାରଣ କେବଳ ମୁଁ ନବଭାଇ। ତୁମେ ଜାଣ ତୁମ ସାଙ୍ଗ ମତେ କେତେ ଭଲ ପାଉଥିଲେ କିନ୍ତୁ ବିଶ୍ୱାସ କର ନବଭାଇ ଅଭିଭାଇଙ୍କ ବାହାଘର ପରେ ମୁଁ କେବେ ବି ଚାହିଁନି ତାଙ୍କୁ ପୂର୍ବ ନଜରରେ। ମୁଁ କାହିଁକି ବାହା ହୋଇନି ତାହା ମୋ ଭାଗ୍ୟର ଲିଖନ କିନ୍ତୁ ମୋ ଯୋଗୁଁ ଅଭିଭାଇର ଜୀବନ ନଷ୍ଟ ହେଇଯାଉ ମୁଁ କେବେ ଚାହେଁନା। ହେଲେ ମାଉସୀଙ୍କର ଏଥିରେ ଦୋଷ କଣ? ଅଭିଭାଇ ଓ ମାୟା ଭାଉଜଙ୍କ ପାଇଁ ମାଉସୀଙ୍କୁ କାହିଁକି ଦଣ୍ଡ ମିଳିବ?

ଠିକ କଥା କହିଛ ବିନି କିନ୍ତୁ ତୁମକୁ ଏକ ପରୀକ୍ଷା ଦେବାକୁ ପଡିବ? କଣ ନବଭାଇ? ତୁମେ ଯଦି ପ୍ରକୃତରେ ତୁମ ଅଭିଭାଇଙ୍କୁ ଭଲ ପାଅ ତାଙ୍କ ଦେହ ସୁସ୍ଥ ହେବା ପାଇଁ ତୁମକୁ ମିଛି ମିଛିକା ଅଭିନୟ କରିବାକୁ ପଡିବ। କଥାଦିଅ। କଥାଦେଲି ନବଭାଇ କୁହ ମତେ କଣ କରିବାକୁ ପଡିବ? ତୁମକୁ ମିଛି ମିଛିକା ଅଭିର ନବବଧୂ ସାଜିବାକୁ ପଡିବ। ସ୍ତବ୍ଧ ହୋଇ ଠିଆ ହୋଇଥିଲେ ବିନି। ନବନୀତ ଏ ଭିତରେ ଅଭିନର ମନସ୍ତତ୍ୱ ପଢୁଥାନ୍ତି ଗଭୀର ଅନୁଶୀଳନ କରି କିନ୍ତୁ ଅଭିର ଗ୍ରାମ ପ୍ରତି ଓ ମାଆଙ୍କ ପ୍ରତି ଗଭୀର ଅନୁକମ୍ପା ଥିବା ବେଳେ ହୃଦୟ ମନ୍ଦିରରେ କିଏ ବୁଝିବା କଷ୍ଟ ହେଉଥିଲା। ଯଦି ବିନି ତେବେ ଏଠି ଗାଁରେ, ବିଲ, ବଣ, ଗାଁର ଗଡିଆ ପୋଖରୀ, ମନ୍ଦିର ଦେଖି ଅଭିନବର ଆଖିରେ ଯେତିକି ଚମକ ବିନିକୁ ଦେଖି ସେ ଚମକ ନଥାଏ। ଯଦି ମାୟା ତା ହୃଦୟ ମନ୍ଦିରର ରାଣୀ ତେବେ ମାୟା ଲେଖାଥିବା ମୁଦିକୁ ମାଟିରେ ପୋତିବା କାରଣ କଣ ହୋଇପାରେ ! ହୁଏତ ଆଜିବି ବିନି ତା ହୃଦୟର କେଉଁ ନିଭୃତ୍ତ କୋଠରୀରେ ବନ୍ଦିନୀ ବା ମାୟା ଯୋଗୁଁ ଗାଁ, ମାଆ, ତୋଟା, ବିଲ, ବଣ ଓ ଗାଁ ପୋଖରୀର ପଠାର ସ୍ୱର୍ଶ ପାଇପାରୁନଥିବାରୁ ମାୟା ଉପରେ କ୍ଷୁବ୍ଧ। ଜାଣିଲେ ସିନା ସେହିଭଳି ପଥ୍ୟ ଦେବାକୁ ପଡିବ ନବନୀତକୁ। ସେପଟେ ମାୟା ଅଭିନବର ବିନି ସହ ବାହାଘର ଲଫାପା ପାଇ କଣ କରୁଛି ଦେଖିବାକୁ ବାକି ରହିଲା।

ନିର୍ଦ୍ଦିଷ୍ଟ ଦିନ ବରବେଶ କରାଇ ବେଦୀକୁ ଅଣାଗଲା ଅଭିନବଙ୍କୁ। ବେଦୀରେ ବସି, ପୁରୋହିତ ମନ୍ତ୍ର ଉଚ୍ଚାରଣ ଭିତରେ ବିନିର ଓଢଣା ଖୋଲି ଚମକି ପଡି ମାୟା ବୋଲି ଡାକି ପଛକୁ ହଟି ଗଲାବେଳକୁ, ମାୟା ପହଞ୍ଚି ଧରିନେଇଥିଲା ଅଭିନବଙ୍କୁ। କହୁଥିଲା ମୋର ସବୁ ଭୁଲ ଅଭିନବ। ମୁଁ ମାଆଙ୍କ ପାଖରେ ରହି ତୁମକୁ ଏଇ ଗାଁରେ ଦେଖିବାକୁ ଚାହେଁ। ଅଭିନବ ମୁହଁ ଉଜ୍ଜଳି ଉଠୁଥିବା ବେଳେ ବିନି ମୁଁହଟା ବିଷ ଜ୍ୱାଳାରେ ନେଳି ପଡି ଆସୁଥିଲା। ବିନି ବିନି ଡାକି ଅଭିନବଙ୍କ ସହ ମାୟା ମାଉସୀ ଓ ମାନସ୍ତତ୍ତ୍ୱବିତ ଡାକ୍ତର ନବନୀତ ଦଉଡି ଆସିବା ବେଳକୁ ବିନିର ପ୍ରାଣପକ୍ଷୀ ଉଡିଯାଇଥିଲା ତ ଟିକିଏ ଆଗରୁ ଖୋଲା ହସରେ ଅଭିନବ ଫାଟି ପଡୁ ପଡୁ ଚୁପ ହୋଇଯାଇଥିଲେ। ରାଜେଶ ଆସି ବାପାଙ୍କ ଭଲହୋଇଯିବା ଦେଖି ଯେତିକି ଖୁସି ହୋଇଥିଲା ବିନି ପିଇସୀଅପାଙ୍କ ଆବର୍ତ୍ତମାନରେ ସେତିକି ଦୁଃଖୀ ହୋଇଥିଲା। ଡାକ୍ତର ନବନୀତ ଫେରି ପଡୁ ପଡୁ ଅଭିନବକୁ କହିଥିଲେ ରାଜେଶକୁ ଜୋଇଁ କରିବାରେ ତୋର ଆପତ୍ତି ନାହିଁ ତ ଅଭିନବ? ଏତେ ଦୁଃଖ ପରେ ବି ଅଭିନବ ହସୁଥିଲା ଖୋଲା ହସ। ନବବର୍ଷର ନୂଆ ସକାଳ ସୁରୁଜ ମୁରୁଜ ବୁଣିବା ପୂର୍ବରୁ ଅଭିନବ ଡାକ୍ତର ନବନୀତକୁ ବିଦାୟ ଦେବା ପୂର୍ବରୁ ସମୁଦୀ କହି କୁଣ୍ଢେଇ ପକେଇବା ଦେଖି ସମସ୍ତେ ହସୁଥିଲେ ଖୁବ ଖୋଲା ହସ।

ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭



# ସମ୍ପର୍କର ଚୋରାବାଲି

## ଯଶୋବନ୍ତ ସେଠୀ

ଅବିଶ୍ୱାସର ଅନ୍ଧଗଳିରୁ
ଆକାଶେ ବିଶ୍ୱାସ ଉଧାର ନେଇ
ସେ ଗଢ଼ିଥିଲା ସମ୍ପର୍କର ସେତୁ ।
ଆଶା ଓ ଭରସାମାନେ
ମୁହଁ ମୋଡ଼ି ବାଟକାଟି ଚାଲି ଯାଉ ଯାଉ
କ୍ଷଣିକ ପାଇଁ ଅଟକିଥିଲେ
ତାର ବିପର୍ଯ୍ୟସ୍ତ ବିସ୍ମଣିଠାରେ ।
ମୂଲଚାଲ କରି ଫେରିଗଲେ...
ଭାଇ ଦେଖି ଡରିଗଲେ ବୋଧେ ।

ମୋ ବ୍ୟସ୍ତ ଅଗଣାର କାକଟସ୍‌ମାନଙ୍କର
ଦରଫୁଲେଇ ସ୍ୱପ୍ନସବୁ
ଅଳସୀ ମରୁଭୂମିର ମରୀଚିକା ନଈ କୂଳରେ
ଲଙ୍ଗର୍ ପକେଇ
ହାତଠାରି କେତେ ଡାକିଥିଲେ
ନିଷିଦ୍ଧ ବନ୍ଦର ଦେଇ
ଅଲଣା ସାଗରରେ ମିଶିଯିବାକୁ
ଆସି ପାରିଲାନି ।

ଅତୃପ୍ତ ସଜଫୁଟା ଫୁଲଙ୍କର
ଦୁର୍ବୋଧ ଆକୁଳତାକୁ ଏଡ଼ିଦେଇ
ସମ୍ପର୍କର ଚୋରାବାଲି ତଳେ
ଅସଂଖ୍ୟ ହ୍ୱିମ୍ ସବୁକୁ ସମାଧିସ୍ଥ କରି
ଆଗକୁ ବଢ଼ି ପାରିନଥିଲା ।

କିଏ ବା ସେ କହି ପାରିବି !!!
ମୋର ରକ୍ତ ଗୋଲାପର ରକ୍ତହୀନତା,
ଅଥବା, ଅସଜଡା ଇନ୍ଦ୍ରଧନୁ ମାନଙ୍କର
ବର୍ଣ୍ଣହୀନତା ଦାୟୀ !
ନା ତା ଇଚ୍ଛା-ପ୍ରଜାପତିମାନଙ୍କର
ସମୂହ ଆତ୍ମହତ୍ୟା, ନତୁବା
ତା' ଆତ୍ମ ସମ୍ମାନର ପ୍ରାରମ୍ଭ ନିରୁଦବିଗ୍ନତା
ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ !!!

ଏ.ସି.ପି. (ନିରାପତ୍ତା)
ପୋଲିସ୍ କମିଶନରେଟ୍, ଭୁବନେଶ୍ୱର
ମୋ: ୦୪୩୭୩୪୩୪୫୭



# ସେ

## ରମାକାନ୍ତ ଦାସ

ସେ ମତେ ଭିଜାଏ
ତା ପ୍ରେମର ରଙ୍ଗଭରା ବର୍ଷାରେ
ପ୍ରତି ମୁହୂର୍ତ୍ତରେ ମତେ ଦ୍ୱନ୍ଦରେ ପକାଇ
ମତେ ଛାଡ଼ି ଚାଲିଯାଏ
ମୋ ଜୀବନର ନିଃସଙ୍ଗ ପଥରେ ।।

ମୁଁ ଏକାକୀ ସାଉଁଟେ
ମୋ ଭିତରର ସବୁ ଅଭୁଲା ମୁହୂର୍ତ୍ତ
ସାରାରାତି ଅନିଦ୍ରା ରହି
ମୁଁ ଖୋଜେ ତତେ
ତୋ ସ୍ୱପ୍ନ ଝଲକରେ
ଜହ୍ନ ଓ ସନ୍ଧ୍ୟା ତାରାକୁ ସାକ୍ଷୀ ରଖି
ମୁଁ ଖୋଜେ ତତେ
ଏ ଦୁନିଆଁର ଅଜସ୍ର ଭିଡ ଭିତରେ ।।

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ: ୯୬୬୮୮୧୫୩୬୯

# ପଖୁଡ଼ା ଏ ଜୀବନ

## ମାନସ ରଞ୍ଜନ ଖମାରୀ

ଚାଲୁ ଚାଲୁ ବାଟେ, ଦେଖିଲି ମୁଁ ଆଜି
ପାଖୁଡ଼ାଟିଏ ଝଡ଼ିଛି,
ଧୂଳିର ଶେଯରେ, ଶେଷ ନିଶ୍ୱାସରେ
କାହାକୁ ସିଏ ଖୋଜୁଛି?

କାଲି ଯିଏ ଥିଲା ଡାଳରେ ଶୋଭିତ,
ଆଜି ସିଏ ଧୂଳିସାତ,
ପାଖୁଡ଼ା ଝଡ଼ିଲେ ବୃନ୍ତ ରହିଯାଏ,
ନିଷ୍ପ୍ରଭ ସବୁ ସମାପ୍ତ ।

ଗୋଟିଏ ଗୋଟିଏ ପାଖୁଡ଼ା ଯୋଡ଼ିକି
ପ୍ରସ୍ଫୁଟିତ ହୁଏ ସୁମନ,
ଗୋଟିଏ ଗୋଟିଏ ସ୍ମୃତିକୁ ନେଇ
ଗଢ଼ା ପରା ଆମ ଏ ଜୀବନ ।

ପବନ ଆସିଲେ ପାଖୁଡ଼ା ଥରିବ
ଦିନେ ନା ଦିନେ ଝଡି ପଡ଼ିବ,
କିଏ କୁହେ ତାକୁ ମୃତ୍ୟୁ ବୋଲି
କିଏ କୁହେ ସିଏ ମାଟିରେ ମିଶିବ ।

ଏ ଜୀବନ ବି ସେମିତି... ଉଡ଼ିଯାଏ କାଳ,
ସ୍ମୃତିର ପବନେ କାହାଣୀଟି ରହିଯାଏ,
ପାଖୁଡ଼ା ଝଡ଼ିଲେ, ସୁବାଷ ରହିଲେ
ସେ ମାରି ବି ଆମର ହୋଇଯାଏ ।

ମାନେଶ୍ୱର, ବୌଦ୍ଧ
(ଅଧ୍ୟାପକ, ରାଜନୀତି ବିଜ୍ଞାନ)
ମୋ: ୭୦୭୭୦୩୬୭୨୦



# ମାଆର ମମତା

## ବାଉରୀ ବନ୍ଧୁ ସାହୁ

ପଣତ କାନିରେ ପୋଛି ଦିଏ ମା'
ହାତ ମୁହଁ ପିଠି ମୋର ।
ପାଶେ ବସି ହୁଏ ସେ ଗୁଣୁଗୁଣୁ
ଲାଗି ରହେ ଯେବେ ଜ୍ୱର ।।

ବଇଦ ନିକଟେ ନିଏ ସେ ମୋତେ
କାନ୍ଧରେ ତା'ର ପକାଇ ।
ବଖାଣି ପକାଏ ବେମାର କଥା
ଆଖିରୁ ଲୁହ ଝରେଇ ।।

ତନଖି ଦେଖେ ଅଉଷଧ ଯେତେ
ପରଖେ ସେ ଦେହମୋର ।
ଓଦା କନା ଦିଏ ମୁଣ୍ଡେ ପକାଇ
ଧୋଇ ସେ ଥରକୁ ଥର ।।

ମା'ର ମମତା ଅମୃତ ଯେସନ
ଭୁଲିବିନି କେବେ ମୁହିଁ ।
ତାହାର ମୁଖେ ହସ ଫୁଟାଇବି
ଭକ୍ତି ପୁଷ୍ପ ତା'ପାଦେ ଥୋଇ ।।

ସଇନ୍ଧା, ତେଲେଙ୍ଗାପେଣ୍ଠ, କଟକ
ମୋ:-୮୩୩୮୮୫୨୨୫୩



# ଘର ବନାମ ପରିବାର

## ସୁଦର୍ଶନ ମହାପାତ୍ର

ଘରଟିଏ ପାଇଁ ଅଡ଼ି ବସିଥିଲା ଦୀପା। ସ୍ୱାମୀ ହିସାବରେ ସ୍ତ୍ରୀର ଇଛାକୁ ପୂରଣ କରିବାର ମନୋବୃତ୍ତି ନାହିଁ ବୋଲି ବାରମ୍ବାର ତାଗିଦା କରୁଥିଲା ଦୀପକ୍‌କୁ।

ହେଲେ ଦୀପକ୍ ଥିଲା କିଂ କର୍ତ୍ତବ୍ୟ ବିମୂଢ଼। ବାପା, ମାଆ, ଦାଦା, ଖୁଡି, ଭାଇ ଭଉଣୀମାନଙ୍କର ଏକ ଏକାନ୍ନବର୍ତ୍ତୀ ପରିବାରରେ ବଢି ଆସିଥିବା ଦୀପକ୍ କେମିତି ବା ସେଇ ଘରକୁ ଛାଡି ଅନ୍ୟତ୍ର ନିଜ ପାଇଁ ଘରଟିଏ ଠିକ୍ କରିନେବ? ବହୁତ ବୁଝାଇବା ପରେ ବି ଦୀପା ଥିଲା ନଛୋଡବନ୍ଧା।

କଥା କଥାକେ ସେଇ ପୁରୁଣା କଥାକୁ ଦୋହରାଏ ସେ। ଦୁହେଁ ପରସ୍ପରକୁ ଭଲ ପାଉଥିଲା ବେଳେ ଦେଇଥିବା ପ୍ରତିଶ୍ରୁତିକୁ ବିବାହ ପରେ ପୂରଣ ନକରିପାରି ଥିବାରୁ ସେ ପ୍ରଥମେ ପ୍ରଥମେ ଅଭିମାନ କରୁଥିଲା। ସେଇ ଅଭିମାନ କ୍ରମେ ଅଭିଯୋଗରେ ପରିଣତ ହୋଇ ଯାଇଥିଲା।

ହେଲେ ଦୀପକ୍ ଯେତେବେଳେ ଦୀପାକୁ ଖୁସି କରିବାକୁ ପ୍ରଥମେ ଭୁବନେଶ୍ୱରରେ ଜାଗାଟିଏ କିଣିବାର ପ୍ରସ୍ତାବ ଦେଲା ଦୀପା ଅବଶ୍ୟ ଖୁସି ହୋଇ ଯାଇଥିଲା। ଅନ୍ତତଃ ପକ୍ଷେ ଦେଖିଥିବା ସ୍ୱପ୍ନ ସାକାର ହେବାର ପ୍ରାରମ୍ଭିକ ପର୍ଯ୍ୟାୟର ରୂପରେଖ ତ ସାମ୍ନାରେ ଦୃଶ୍ୟମାନ ହେବାକୁ ଯାଉଛି !

ସ୍ୱପ୍ନ ପୂରଣ ହେବାକୁ ଯାଉଛି ବୋଲି ଯେଉଁ ଖୁସି କିଛି ସମୟ ଧରି ଦୀପାକୁ ବିହ୍ୱଳିତ କରିଥିଲା ବାସ୍ତବିକତାକୁ ପରଖି ହତୋତ୍ସାହିତ ହୋଇ ପଡିଲା। ପ୍ରକୃତରେ ସେଇ ଜାଗା ଖଣ୍ଡିକ କିଣିବାକୁ ସେମାନଙ୍କ ପାଖରେ ଯଥେଷ୍ଟ ଅର୍ଥ ନଥିଲା।

ଏଥର ଦୁହେଁ ଟଙ୍କା ଯୋଗାଡ କରିବାରେ ଲାଗିପଡିଲେ। ଘରେ ତ ଏ ବିଷୟରେ କାହାକୁ କିଛି କହିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ପରିଗଣିତ ହୋଇଥାନ୍ତା। ଏମିତି ବି ଦୀପା ଜାଣେ ତା ବାପଘରର ଆର୍ଥିକ ଦୁଃସ୍ଥିତି ବିଷୟରେ। ଅତଏବ ଦୁହେଁ ପ୍ରତିଟି କ୍ଷେତ୍ର ଯେଉଁଠାରୁ ଯୋଗାଡି ହେବ ସେଇ ବିଷୟରେ ଚିନ୍ତା ଭାବନା କରିବାରେ ଲାଗି ପଡ଼ିଲେ। ନିଜ ଅଫିସରୁ ଲୋନ ଉଠାଇବାକୁ ଉପକ୍ରମ କଲେ ଦୀପକ। ଅଳ୍ପ ଦିନର ଚାକିରି କାଳ ଭିତରେ ଲୋନର ପରିମାଣ ଖୁବ୍ କମ୍ ମିଳିବ ବୋଲି ଅବଗତ ହେଲେ ଦୁହେଁ। ବାହାରୁ ଲୋନ ଉଠାଇବାକୁ ଚିନ୍ତା କଲେ ଏଥର।

ହେଲେ ଆଜିକାଲି ବିନା ବନ୍ଧକରେ କିଏ ଲୋନ ଦେବ ? ନିଜର ଗହଣା ସବୁକୁ ନେଇ ବ୍ୟାଙ୍କ ମ୍ୟାନେଜର ସହିତ କଥା ହେଲେ ଦୁହେଁ। ହେଲେ ଯାହା ଲୋନ ମିଳିବାର ଆକଳନ ହେଲା ତାହା ସମୁଦ୍ରକୁ ଶଙ୍ଖେ ବୋଲି ପ୍ରତୀତ ହେଲା। ପ୍ରାଇଭେଟ୍ ବ୍ୟାଙ୍କର ବର୍ଦ୍ଧିତ ସୁଧହାର ଏବଂ ଜୁଲମ କଥା ମନରେ ରଖି ସେଥିରୁ ନିଜକୁ ନିବୃତ୍ତ ରଖିବା ଠିକ୍ ହେବ ବୋଲି ବିବେଚନା କଲେ।

ଅତଏବ ପୁନଃ ମୂଷିକ ଭବଃ...!

ସ୍ୱପ୍ନ ଭାଙ୍ଗିଯିବାର ଦୁଃଖରେ ମ୍ରିୟମାଣ ହେଲେ ଦୀପା। ସବୁ ବୁଝି ବି ଅବୁଝା ଭଳି ବ୍ୟବହାର କରୁଥିଲେ ଦୀପକଙ୍କ ସହିତ। ପ୍ରାୟ ପ୍ରତ୍ୟେକ ଦିନ କୌଣସି ନା କୌଣସି କାରଣରୁ ଦୁହେଁ ଝଗଡ଼ା କରିବା ଆରମ୍ଭ କରୁଥିଲେ। ଏମିତି କି ବିବାହ ବିଚ୍ଛେଦ ପର୍ଯ୍ୟନ୍ତ କଥା ଗଲା।

ସେମାନଙ୍କ ଯୁକ୍ତିତର୍କ ଏବଂ ବିବାହ ବିଚ୍ଛେଦ ବିଷୟରେ କ୍ରମେ ଅବଗତ ହେଲେ ଘର ଲୋକେ । ହେଲେ କାରଣ ବିଷୟରେ ଦୁହେଁ ମୁହଁ ଖୋଲି କହିପାରୁନଥିଲେ ଘର ଲୋକଙ୍କୁ ।

ଏମିତି ଏକ ସମୟରେ ହଠାତ୍ ବାପାଙ୍କ ଡ଼ାକରାରେ ଘରେ ପହଞ୍ଚିଲା ଦୀପା। ସାଥିରେ ଅବଶ୍ୟ ଥିଲେ ଦୀପକ।

ଘର ସହ ଜାଗାବାଡି ବିକ୍ରି କରାଯିବାର ବନ୍ଦୋବସ୍ତ କରୁଥିଲେ ବାପା। ମାଆଙ୍କ ଲିଭର ଚିକିତ୍ସା ପାଇଁ ଆବଶ୍ୟକୀୟ ଟଙ୍କା ଯୋଗାଡ଼ କରିବାକୁ ଏଇ ବାଟ ଖୋଜିଥିଲେ ବାପା। ବିକ୍ରିରେ ଦୀପାର ଦସ୍ତଖତ ବି ଦରକାର ଥିଲା ତ ତାକୁ ଡକରା ଆସିଥିଲା ବୋଲି ବୁଝିଲା ସେ । ତା ପରଠାରୁ ଦୀପା ଗୁମସୁମ ହୋଇ ଯାଇଥିଲା ଯେମିତି। ଉତ୍ତରୋତ୍ତର ବୟସରେ ବି ମାଆଙ୍କୁ ଜୀବିତ ରଖିବାକୁ ବାପା ଘର ସମ୍ପତ୍ତିକୁ ତୁଚ୍ଛ କରିବାକୁ ପଶ୍ଚାତପଦ ହେଉନାହାନ୍ତି ଅଥଚ ସେଇ ଘର ଖଣ୍ଡିଏ ପାଇଁ ସେ ଦୀପକଙ୍କ ଠାରୁ ଅଲଗା ହୋଇଯିବାକୁ ଚାହିଁବା ତାଙ୍କର ଏକ ଅକ୍ଷମଣୀୟ ଭୁଲ ନିଶ୍ଚୟ ବୋଲି ଅନୁଭବ କଲା ଦୀପା। ପଶ୍ଚାତାପରେ ସନ୍ତୁଳି ହେଉଥିଲା ସେ।

ଅପରାଧବୋଧରେ ସେ ଦୀପକଙ୍କ ଠାରୁ କ୍ଷମା ଚାହିଁବାକୁ ମନସ୍ଥ କଲାବେଳକୁ ବାପାଙ୍କ ଠାରୁ ଜାଣିଲା ଯେ ଦୀପକଙ୍କ ସାରା ପରିବାର ନିଜ ନିଜ କ୍ଷମତା ଅନୁସାରେ ବାପାଙ୍କୁ ସହଯୋଗ ରାଶି ଅକାତରେ ଯୋଗାଇ ଦେଇଛନ୍ତି। ତେଣୁ ବାପା ମାଆ ଆଉ ସାନଭାଇ ବେଘର ହେବାର ଆବଶ୍ୟକତା ନାହିଁ।

ଦୀପକଙ୍କ ପାଦ ଦୁଇଟାକୁ ଧରି ଫୁଲି ଫୁଲି କାନ୍ଦୁଥିଲା ଦୀପା। ତା'ର କୋହ ଆଉ ଲୁହ ପୋଛିବାକୁ ଧାଇଁ ଆସିଥିଲେ ଶାଶୁ ଶ୍ୱଶୁର ଏବଂ ପରିବାରର ସମସ୍ତ ଶୁଭେଚ୍ଛୁମାନେ..!

କୁଞ୍ଜବିହାରୀ ଲେନ, କଟକ
ମୋ: ୯୪୩୮୧୭୫୫୪୨

# ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା




କେନ୍ଦୁଝର,୭।୩(ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଅଧିକାର ଆଇନ ୨୦୦୫ର ସଠିକ ଅନୁପାଳନ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ସ୍ଥାନୀୟ କଲେକ୍ଟୋରେଟର ଦରବାର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଅଧିକାର ଆଇନ୍‌ର ଧାରା ୪(୧)(ଖ) ଅନୁଯାୟୀ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ନିଜସ୍ୱ ତଥ୍ୟାବଳୀକୁ ସ୍ୱେଚ୍ଛାକୃତ ଭାବେ ସର୍ବସାଧାରଣରେ ପ୍ରକାଶ କରିବା ହିଁ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କର୍ମଶାଳାକୁ ଭୁବନେଶ୍ୱରରୁ ଆସିଥିବା ବିଷୟ ବିଶେଷଜ୍ଞ ରଶ୍ମିରନ ରାଉତ ପ୍ରଶିକ୍ଷାର୍ଥୀ ମାନଙ୍କୁ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପ୍ରଶିକ୍ଷଣ ଦେଇଥିଲେ । ଆନ୍‌ଲାଇନ୍ ଆରଟିଆଇ ପୋର୍ଟାଲ କିପରି ଇ-ଆରଟିଆଇ ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ ଓ ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତର ପ୍ରଦାନ କରାଯିବ, ସରକାରୀ ୱେବସାଇଟ୍‌ରେ ୧୭ଟି ବିଶିଷ୍ଟ ତଥ୍ୟାବଳୀର ନିୟମିତ ଅପଡେଟ୍, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଏବଂ ଆବେଦନ ଖାରଜ ହେଲେ ଅନୁସରଣ କରାଯାଉଥିବା ଆଇନଗତ ପ୍ରକ୍ରିୟା, ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥରାଶିର ପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ୍ ଆକାଉଣ୍ଟ ସମ୍ବନ୍ଧୀୟ ଆଲୋଚନା । ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗରୁ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଜନ ସୂଚନା ଅଧିକାରୀ ଏବଂ ସହକାରୀ ଜନ ସୂଚନା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧିକାରୀମାନେ ସେମାନଙ୍କର ସନ୍ଦେହ ଦୂର କରିବା ସହ ବାସ୍ତବ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଥିଲେ । ସୂଚନା ଅଧିକାର ଆଇନ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ଓଡିଆ ଓ ଇଂରାଜୀ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ସେମାନଙ୍କୁ ମାନପତ୍ର ସହ ଆର୍ଥିକ ପୁରସ୍କାର ରାଶି ମଧ୍ୟ ପ୍ରଦାନ କରାଯାଇଥିଲା । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ, ନିଜାରତ ସ‌ଂତୋଷ କୁମାର ଜେନା ଏବଂ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । କେନ୍ଦୁଝର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଲାଖ ବିନ୍ଧା ପ୍ରତିଯୋଗିତା



ପାଟଣା,୭।୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ଗ୍ରାମ ହାଇସ୍କୁଲ ଠାରେ ଶ୍ରୀ ବନମାଳୀ ପୂଜ୍ୟ ପୂଜା ଅନୁଷ୍ଠାନ ତରଫରୁ ଏକ ଲାଖବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଗୌରହରି ନାଏକଙ୍କ ସଭାପତିତ୍ୱରେ ଏହି କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏହି ପ୍ରତିଯୋଗିତାରେ ପ୍ରାୟ ୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ କଳା କୌଶଳ ପ୍ରଦର୍ଶନ କରିଥିଲେ । ପ୍ରତିଯୋଗୀତାରେ କୃଷ୍ଣ ମାଝୀ ପ୍ରଥମ ସ୍ଥାନ ଅଧିକାର କରି ୧୦୦୧ ଟଙ୍କା, ଦୈତାରୀ ପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରି ୧୦୦୦ଟଙ୍କା, ଭାଗ୍ୟ ଦାସ ତୃତୀୟ ସ୍ଥାନ ଅଧିକାର କରି ୫୦୧ ଟଙ୍କା ଓ ଗୋପାଳ ମୁଣ୍ଡା ଚତୁର୍ଥ ସ୍ଥାନ ଅଧିକାର କରି ୫୦୦ଟଙ୍କା ନଗଦ ପୁରସ୍କାର ପାଇଥିଲେ । ଏହି କାର୍ଯ୍ୟକ୍ରମରେ ଭକ୍ତବନ୍ଧୁ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ନୀଳାମ୍ବର ନାଏକ, ଗଣେଶ୍ୱର ନାଏକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କୋଷାଧ୍ୟକ୍ଷ ଦୋଳ ଗୋବିନ୍ଦ ମହାନ୍ତ, ମଳୟ ରନ ନାଏକ ଓ ପ୍ରଭାତ କୁମାର ପଲେଇ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାକୁ ଦେଖିବା ପାଇଁ ଅଂଚଳର ବହୁ କ୍ରୀଡା ପ୍ରେମୀ ଓ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ ।

## ସିଭିଲ ସର୍ଭିସ ପରୀକ୍ଷାରେ ୧୦୦ତମ ସ୍ଥାନ ହାସଲ କରିଥିବା ସାତ୍ତ୍ୱିକ ସତ୍ୟକାମକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ହାଟଡିହି, ୭।୩(ନି.ପ୍ର): ସର୍ବ ଭାରତୀୟ ସିଭିଲ ପରୀକ୍ଷା (ୟୁପିସିଏସ୍)ରେ ଅଲ ଇଣ୍ଡିଆ ର୍‍ୟାଙ୍କରେ ୧୦୦ତମ ସ୍ଥାନ ହାସଲ କରିଥିଲେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ମେଧାବୀ ଛାତ୍ର ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି । ସତ୍ୟକାମ ଆଜି ନିଜ ପିତାମାତାଙ୍କ ସହ ଲୋକସେବା ଭବନକୁ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ, ଏଭଳି ସଫଳତା ରାଜ୍ୟ ବିଶେଷ କରି କେନ୍ଦୁଝର ଜିଲ୍ଲାର ଅନ୍ୟ ଯୁବପୀଢିଙ୍କ ପାଇଁ ପ୍ରେରଣା ହେବ । ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇ କହିଲେ ଯେ, ଲୋକଙ୍କ ସେବା କରିବା ହିଁ ପ୍ରଶାସନିକ ସେବାର ମୂଳ ଲକ୍ଷ୍ୟ । ଦେଶ ଓ ସମାଜର ଉନ୍ନତି ପାଇଁ ନିଷ୍ଠାର ସହିତ କାମ କରିବାକୁ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରି ସମଗ୍ର ଜିଲ୍ଲାର ସହ ହାଟଡିହି ଅଂଚଳ ପାଇଁ ଗୌରବ ଆଣିଛଁ ବୋଲି କହିଥିଲେ । ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୂର୍ବତନ ବିଧାୟକ ଭାଗିରଥି ସେଠୀ, ମାୟାଧର ଜେନା ମଧ୍ୟ ସତ୍ୟକାମଙ୍କ ସଫଳତା ପାଇଁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

## ବାପା ନିଖୋଜ: ଜନୈକ ମହିଳାଙ୍କ ଉପରେ ପୁଅର ସନ୍ଦେହ




କରଞ୍ଜିଆ,୭।୩ (ନି.ପ୍ର): ସମ୍ବଲପୁର ଅଞ୍ଚଳର ପଙ୍କଜ ଦାସ (ବୟସ ପ୍ରାୟ ୬୫ରୁ ଅଧିକ) ଗତ ୪ ମାସ ଧରି ନିଖୋଜ ଥିବା ଘଟଣା ପ୍ରକାଶ ପାଇଛି । ବାପା ନିଖୋଜ ହେବାପରେ ତାଙ୍କ ପୁଅ ସୋନୁ ଦାସ ପିଛିଲା ୪ ମାସ ଧରି ଖୋଜାଖୋଜି କରୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବାପାଙ୍କର କୌଣସି ସନ୍ଧାନ ମିଳିନାହିଁ । ସୋନୁ ଦାସଙ୍କ କହିବା ଅନୁଯାୟୀ ପଙ୍କଜ ଦାସ ବ୍ୟାପାର କାରବାର ସମ୍ପର୍କରେ ମେଳା ଓ ମୀନାବଜାରରେ ଦୋକାନ ଲଗାଇବା ପାଇଁ ସମ୍ବଲପୁର କୁଚିଣ୍ଡାକୁ ବାହାରିଥିଲେ । ପରେ ସେ କୁଚିଣ୍ଡା ଠାରୁ ପାଲଲହଡା ହୋଇ କେନ୍ଦୁଝର ଜିଲ୍ଲାରେ ପହଞ୍ଚିଥିଲେ । କେନ୍ଦୁଝରର ମାଧପୁର ଅଂଚଳରେ ସେ ଗୋଟିଏ ଜାଗା ଲିଜ୍‌ରେ ନେଇ 'ନନା ହୋଟେଲ' ନାମରେ ବ୍ୟବସାୟ ଆରମ୍ଭ କରିଥିଲେ । ହୋଟେଲରେ କାମ କରୁଥିବା କର୍ମଚାରୀ ମାନଙ୍କ ଠାରୁ ସୋନୁ ଦାସ ଜାଣିବାକୁ ପାଇଥିଲେ ଯେ, ସୁଲେଖା ଧଳେଇ ନାମକ ଜଣେ ମହିଳାଙ୍କ ସହ ପଙ୍କଜ ଦାସଙ୍କ ଅନୈତିକ ସମ୍ପର୍କ ଗଠି ଉଠିଛି । ଏହି ସୂଚନା ପାଇବା ପରେ ସୋନୁ ଦାସ ତୁରନ୍ତ କେନ୍ଦୁଝରକୁ ଯାଇ ବାପାଙ୍କୁ ଫେରାଇ ଆଣିବାକୁ ପ୍ରୟାସ କରିଥିଲେ । ସେହି ସମୟରେ ସେ ମହିଳାଙ୍କୁ ନିଜ ସ୍ୱାମୀଙ୍କ ପାଖକୁ ଫେରିଯିବାକୁ ବୁଝାଇଥିଲେ । ମହିଳା ଜଣକ ମେଦିନପୁର ଅଂଚଳର ହୋଇଥିବା ଜଣାପଡିବା ପରେ ତାଙ୍କୁ ତାଙ୍କ ସ୍ୱାମୀ ଓ ପରିବାର ପାଖରେ ଛାଡି ଆସିଥିଲେ । କିନ୍ତୁ କିଛିଦିନ ପରେ ସେହି ମହିଳା ଜଣକ ପୁଣିଥରେ ନିଖୋଜ ହୋଇଯାଇଥିବା ସୂଚନା ସୋନୁ ଦାସ ପାଇଥିଲେ । ଏହାପରେ ସନ୍ଦେହବଶତଃ ସେ ବାପାଙ୍କୁ ପଚାରିଥିଲେ । କିନ୍ତୁ ପଙ୍କଜ ଦାସ ସେଥିପାଇଁ ଅସ୍ୱୀକାର କରିଥିଲେ । ପରେ ସୋନୁ ଦାସ ପୁଣିଥରେ କେନ୍ଦୁଝର ଯାଇ ବାପାଙ୍କ ହୋଟେଲରେ ପହଞ୍ଚିଥିବା ବେଳେ ସେହି ନିଖୋଜ ମହିଳାଙ୍କୁ ତାଙ୍କ ପିଲା ସହିତ ସେଠାରେ ଦେଖିଥିଲେ । ପରେ ପୁଣି ଥରେ ସମସ୍ୟା ସମାଧାନ କରି ସେହି ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ପାଖକୁ ପଠାଇ ଦିଆଯାଇଥିଲା । ତାହା ସତ୍ତ୍ୱେ ଘଟଣାର ସମାଧନ ହୋଇନଥିଲା । ପରବର୍ତ୍ତି ସମୟରେ ପଙ୍କଜ ଦାସ ପୁଅକୁ ଫୋନ କରି ପଇସା ସମ୍ପର୍କିତ କିଛି ଅସୁବିଧା ହେଉଥିବା କଥା କହିଥିଲେ । କିନ୍ତୁ ସେହି ଫୋନ୍ କଥାବାର୍ତ୍ତା ପରେ ତାଙ୍କର ମୋବାଇଲ ଫୋନ୍ ସୁଇଚ୍ ଅଫ୍ ହୋଇଥିବା ଜଣାପଡିଛି । ବାପାଙ୍କୁ ଖୋଜିବା ପାଇଁ ସୋନୁ ଦାସ କେନ୍ଦୁଝରରୁ କରିଆ ଆସିଥିବା ବେଳେ ସେ ଏହି ସମସ୍ତ ସୂଚନା ଦୈନିକ ଓଡିଆ ଖବର କାଗଜ 'ପ୍ରତିଦିନ'ର କରଞ୍ଜିଆ ପ୍ରତିନିଧିଙ୍କୁ ଆସି ଜଣାଇଥିଲେ । ଏହା ସହିତ ସେ କେନ୍ଦୁଝର ଥାନା ଓ କରିଆ ଥାନାରେ ମଧ୍ୟ ଏନେଇ ଏତଲା ଦାଖଲ କରିଛନ୍ତି । ସୋନୁ ଦାସଙ୍କ ସନ୍ଦେହ ଅନୁଯାୟୀ ତାଙ୍କ ବାପାଙ୍କ ନିଖୋଜ ଘଟଣା ପଛରେ ସମ୍ପୃକ୍ତ ମହିଳାଙ୍କ ହାତ ଥାଇପାରେ ବୋଲି ସେ ଅଭିଯୋଗ କରିଛନ୍ତି ।

## ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ମଦ ବିରୋଧି ବିକ୍ଷୋଭ




ଯଶିପୁର,୭।୩ (ନି.ପ୍ର): ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଓଡିଶା ରାଜ୍ୟ କମିଟିର ଆହ୍ୱାନ କ୍ରମେ ଆଜି ମଦ ବିରୋଧୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସଂଗଠନର ଯଶିପୁର ଶାଖା ତରଫରୁ ବଜାର ଠାରେ ଏକ ମଦ ବିରୋଧି ବିକ୍ଷୋଭ ଓ ସଭା ଅନୁଷ୍ଠିତ ହୋଇଯାଇଛି । ଟେଟ୍ରାପ୍ୟାକ ମଦ ବିକ୍ରୀ ବନ୍ଦ କରିବା, ଛାତ୍ରୀ, ଶିଶୁ ଓ ନାରୀ ମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଆଦି ବିକ୍ଷୋଭର ମୁଖ୍ୟ ଦାବି ଥିଲା । ଅଲ୍ ଇଣ୍ଡିଆ ସାଂସ୍କୃତିକ ସଂଗଠନର ମୟୁରଭ ଜିଲ୍ଲା ସମ୍ପାଦିକା କମ୍ରେଡ ଦ୍ରୌପଦୀ ମହାନ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ । ଇତିଶ୍ରୀ ତିରିଆ, ରିତା ତିରିଆ, ଗୁରୁବାରୀ ତିରିଆ, ମାହୁଲ ବାଗେ, ମାରିଏମ୍ ସାଲୁକେ, ସିଙ୍ଗି ସାଲୁକେ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ଆନ୍ଦୋଳନକୁ ବ୍ୟାପକ କରିବାକୁ ଶପଥ ନେଇଥିଲେ ।

## କପଣ୍ଡ ଗ୍ରାମରେ ବାହା ପରବ ପାଳିତ

ଯଶିପୁର,୭।୩ (ନି.ପ୍ର): କଳା ସଂସ୍କୃତି ସମ୍ପନ୍ନ ମୟୁରଭ ଜିଲ୍ଲାରେ ଆଦିବାସୀ ମାନଙ୍କର ମୁଖ୍ୟ ନାଚ ଗୀତ ମଧ୍ୟରେ ବାହା ପରବ ଅନ୍ୟତମ । ପଲ୍ଲୀ ପ୍ରାଣର ଆଶା ଗ୍ରାମ୍ୟ ପରିବେଶରେ ଓ ଖୋଲା ଆକାଶ ତଳେ ପରିବେଷିତ ଏହି ବାହା ପରବ ଯଶିପୁର ବ୍ଲକ ଅନ୍ତର୍ଗତ ମାଟିଆଗଡ ପଞ୍ଚାୟତ କପଣ୍ଡ ଗ୍ରାମରେ ପ୍ରତି ବର୍ଷ ପରି ଚଳିତ ବର୍ଷ ଅନୁଷ୍ଠିତ ହୋଇଯାଇଛି । କୋହ୍ଲ ଜାତିର ଲୋକମାନେ ନିଜର ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବାକୁ ଚଳିତ ମାସ ପ୍ରୟାସ ଜାରି ରଖିଛନ୍ତି । ମୟୁରଭ ଜିଲ୍ଲା ବ୍ୟତୀତ କେନ୍ଦୁଝର, ବାଲେଶ୍ୱର, ପଡୋଶୀ ରାଜ୍ୟ ଝାରଖଣ୍ଡରୁ ମଧ୍ୟ କୋହ୍ଲ ଜାତିର ଯୁବକ ଓ ଯୁବତୀ, ଆବାଳ ବୃଦ୍ଧବନିତା ସମସ୍ତେ ଏହି ବାହା ପରବରେ ଯୋଗ ଦେଇଥାନ୍ତି । ଏହା ଦୁଇଦିନ ଧରି ଚାଲିଥାଏ । ମୁଖ୍ୟ ଆୟୋଜକ ଦେବେନ୍ଦ୍ର ଚାତାର, ସମ୍ପାଦକ ଗହ୍ମା ହୋ, ଉପସଭାପତି ଚୁଲୁ ତିରିଆ, ସହସମ୍ପାଦକ ଶ୍ୟାମ ସୁନ୍ଦର ହୋ, କୋଷାଧ୍ୟକ୍ଷ ଘନ ତିରିଆ, ବିଭିନ୍ନ ବିଭାଗରେ ଦଶରଥ ହୋ, ଭାଗିରଥି ବାଗେ, ଦୀପକ ବାଗେ, ଗଣେଶ ହୋ, ଅଜୟ ହୋ, ସୁରଜନ ହୋ, ଡାକେ ବାଗେ, ଲଘୁନାଥ ହୋ ପ୍ରମୁଖ ସହଯୋଗ କରିଥିଲେ । ବିଭିନ୍ନ ଜାତିର ଶହ ଶହ ଲୋକ ଜମା ହୋଇ ଏହି ବାହା ପରବର ଦୃଶ୍ୟକୁ ଉପଭୋଗ କରିଥିଲେ ।

## ହରିହର ମନ୍ଦିରର ବାର୍ଷିକ ଉତ୍ସବ



ବଡବିଲ,୭।୩(ନି.ପ୍ର): କେନ୍ଦୁଝର ଜିଲ୍ଲାର ବଡବିଲ ସ୍ଥିତ ପ୍ରସିଦ୍ଧ ହରିହର ମନ୍ଦିରର ୪୦ତମ ବାର୍ଷିକ ଉତ୍ସବ ଭକ୍ତିଭାବ ଓ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପରିସରକୁ ଆକର୍ଷଣୀୟ ଭାବରେ ସଜାଯାଇଥିଲା ଏବଂ ଦୂରଦୂରାନ୍ତରୁ ଆସିଥିବା ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ଭଗବାନଙ୍କ ଦର୍ଶନ କରିଥିଲେ । ଉତ୍ସବରେ ବଡବିଲ ତହସିଲଦାର ତଥା ମନ୍ଦିରର ସଭାପତି ରାକେଶ କୁମାର ପଣ୍ଡା ଓ ତାଙ୍କ ସହଧର୍ମିଣୀ କର୍ତ୍ତା-କର୍ତ୍ତ୍ରୀ ଭାବେ ଉପସ୍ଥିତ ରହି ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ପୂଜାରୀ ମାନଙ୍କ ଦ୍ୱାରା ଦେବମନ୍ତ୍ର ଉଚ୍ଚାରଣ ମଧ୍ୟରେ ଶୁଭ ମୁହୂର୍ତ୍ତରେ ବିଶେଷ ପୂଜା, ହୋମଯଜ୍ଞ ଓ ଆରତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହୋମ ଯଜ୍ଞ ସମୟରେ ପରିବେଶ ମନ୍ତ୍ରୋଚାରଣରେ ଭକ୍ତିମୟ ହୋଇଯାଇଥିଲା ଏବଂ ଭକ୍ତମାନେ ଭଗବାନଙ୍କ ଆଶିର୍ବାଦ ପାଇଁ ପ୍ରାର୍ଥନା କରିଥିଲେ । ସନ୍ଧ୍ୟା ସମୟରେ ମନ୍ଦିର ପରିସରରେ ଭଜନ ସମାରୋହ ଆୟୋଜିତ ହୋଇଥିଲା । ଭକ୍ତିମୟ ଭଜନ ଓ କୀର୍ତ୍ତନର ସ୍ୱରରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଯାଇଥିଲା । ଏହି ବାର୍ଷିକ ଉତ୍ସବରେ ମନ୍ଦିର ପରିଚାଳନା କମିଟିର ସଦସ୍ୟାମାନେ, ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ । ଉତ୍ସବ ଶେଷରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ଏହି ଉତ୍ସବ ପ୍ରତିବର୍ଷ ଭକ୍ତିଭାବ ଓ ଶ୍ରଦ୍ଧାର ସହିତ ପାଳନ କରାଯାଉଥିବା ବେଳେ ଏହା ବଡବିଲ ଅଂଚଳର ଏକ ପ୍ରମୁଖ ଧାର୍ମିକ ପରମ୍ପରାରେ ପରିଣତ ହୋଇଛି ।

## ପୁଟୁଳିଆରେ କାଠ ଡିପୋ ଉଦ୍‌ଘାଟିତ



ପାଟଣା,୭।୩(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ପୁଟୁଳିଆ ଠାରେ ଏକ କାଠ ଡିପୋର ଶୁଭ ଉଦ୍‌ଘାଟନ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କାଠ ଡିପୋର ଉଦ୍ଘାନଟ କରିଥିଲେ । ଏଥିରେ ସମ୍ମାନୀତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାର, ତହସିଲଦାଲ ଅଶ୍ୱିନୀ କୁମାର ନାଏକ, ଫରେଷ୍ଟର ନିରନ ସେଠୀ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ମଧୁସୂଦନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହି କାଠ ଡିପୋ ଚାଲୁ ହେବା ଫଳରେ ସ୍ଥାନୀୟ ଲୋକମାନେ ଓ କାଠ ବ୍ୟବସାୟୀମାନେ ଅନେକ ସୁବିଧା ପାଇପାରିବେ ବୋଲି କହିଥିଲେ । ଏହା ବନ ବିଭାଗ ନିୟମ ଅନୁସାରେ କାଠ ବିକ୍ରୟ ଓ ବ୍ୟବସ୍ଥାପନା ସୁଚାରୁରୂପେ ହେବ ବୋଲି ମତ ପ୍ରକାଶ କରାଯାଇଥିଲା । ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣଙ୍କ ସହ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ବିଦେଶୀ ମଦ ଜବତ, ୪ ଗିରଫ

ହାଟଡିହି,୭।୩ (ନି.ପ୍ର): କେନ୍ଦୁଝର ଅବକାରୀ ଅଧିକ୍ଷକ ତେଯରାଜ ଯାନୀଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଅବକାରୀ ରେ ଓ ହାଟଡିହି ଅବକାରୀ ଥାନା ପକ୍ଷରୁ ଅବକାରୀ ନୀରିକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହି ଅବକାରୀ ଥାନା ଷ୍ଟାଫ୍ ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ନନ୍ଦିପଦା ଥାନା ଅନ୍ତର୍ଗତ ଓରାଳି, ଅଁରା ଅଂଚଳରେ ଚଢାଉ କରି ୧୦,୮୦୦ ଲିଟର ବିଦେଶୀ ମଦ ଜବତ କରିବା ସହ ଉକ୍ତ ଗ୍ରାମର ମହେନ୍ଦ୍ର ଲେଙ୍କା, ଭୀମସେନ ଯେନା, ସୁମନ୍ତ ଯେନା, ଅମୂଲ୍ୟ ଯେନା ପ୍ରମୁଖ ୪ଜଣଙ୍କୁ ଗିରଫ କରାଯାଇଛି । ଏଥିପାଇଁ ସେମାନଙ୍କ ନାମରେ ହାଟଡିହି ଅବକାରୀ ଥାନା ପକ୍ଷରୁ ୪ଗୋଟି ମାମଲା ରୁଜୁ କରାଯାଇଛି । ଉକ୍ତ ଚଢାଉରେ ହାଟଡିହି ଅବକାରୀ ଥାନା ସହ ଉପ-ନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ କର୍ମଚାରୀମାନେ ସାମିଲ ହୋଇଥିଲେ ।

## ସରକାରୀ ଗାଡି ଟେଣ୍ଡରରେ ଚଞ୍ଚକତା, ଛୁଟି ଦିନରେ ଲାଗୁଛି ଭଡା

ଆନନ୍ଦପୁର,୭।୩ (ନି.ପ୍ର): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପଦାଧିକାରୀ ମାନଙ୍କ ପାଇଁ ବ୍ୟବହାର ହେଉଥିବା ଗାଡି ଗୁଡିକର ଟେଣ୍ଡର ପ୍ରକ୍ରିୟାରେ ଚଞ୍ଚକତା ହେଉଥିବା ଅଭିଯୋଗ ହୋଇଛି । ଏହି ଗାଡି ଗୁଡିକ ବିଭାଗୀୟ କାର୍ଯ୍ୟାଳୟରେ ରହିବା ପରିବର୍ତ୍ତେ ମାଲିକମାନଙ୍କ ନିୟନ୍ତ୍ରଣରେ ରହୁଥିବାରୁ ଛୁଟିଦିନ ଗୁଡିକରେ ଗାଡି ଗୁଡିକ ଭଡାରେ ବ୍ୟବହାର ହେଉଥିବା ଗୁରୁତର ଅଭିଯୋଗ ହୋଇଛି । ଏହି ଭଡା ଗାଡି ପାଇଁ ଆବଶ୍ୟକୀୟ ସରକାରୀ ନୀତି ନିୟମ ଥିଲେ ମଧ୍ୟ ବିଭାଗୀୟ କର୍ମଚାରୀମାନେ ଚଞ୍ଚକତା କରି ବାର୍ଷିକ ଲକ୍ଷାଧିକ ଟଙ୍କା ରାଜସ୍ୱ ଲୁଟି ନେଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଏହି ଗାଡି ନିୟୋଜନ ପାଇଁ ପ୍ରତିବର୍ଷ ଟେଣ୍ଡର କରାଯିବାର ନିୟମ ଥିଲେ ମଧ୍ୟ କାଗଜପତ୍ରରେ ଚଞ୍ଚକତା କରାଯାଇ କେବଳ ନବୀକରଣ କରାଯାଉଥିବା ଅଭିଯୋଗ ହୋଇଛି । ଏପରି କାରବାରରେ ବିଭାଗୀୟ କର୍ମଚାରୀ ବିଭାଗୀୟ ଅଧିକାରୀଙ୍କୁ ପ୍ରଲୋଭିତ କରି ଗଳା ବାଟରେ ଏପରି ଚଞ୍ଚକତା କରୁଥିବା ଗୁରୁତର ଅଭିଯୋଗ ହୋଇଛି । ଏଣୁ ଗାଡି ନିୟୋଜନ ପାଇଁ ସରାକାରୀ ନୀତି ନିୟମ ଅନୁଯାୟୀ ପ୍ରତି ବର୍ଷ ଟେଣ୍ଡର ଆହ୍ୱାନ କରାଯିବା ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ଦିଗରେ କେନ୍ଦୁଝର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଆନନ୍ଦପୁର ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ




ଆନନ୍ଦପୁର,୭।୩ (ନି.ପ୍ର): ଆନନ୍ଦପୁର ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ରଙ୍କ ସଭାପତିତ୍ୱରେ ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ନାଇଜରର ପୋଷ୍ଟ ଡକ୍ଟରାଲ ଫେଲୋ ଡକ୍ଟର ପ୍ରଦୀପ୍ତ କୁମାର ବେହେରା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ନା ନୋ ମ୍ୟାଟେରିଆଲ ଓ ତାର ପ୍ରୟୋଗ, କାମବ୍ରିଜ୍ ବିଶ୍ୱବିଦ୍ୟାଳୟର ପୋଷ୍ଟ ଡକ୍ଟରାଲ ଫେଲୋ ଡକ୍ଟର ଦେବାଶିଷ ତ୍ରିପାଠୀ, ଏନର୍ଜି ଷ୍ଟୋରେଜ ଡିଭାଇସ ଉପରେ ଆଲୋଚନା କରିଥିଲେ । ଧନୟ ରାଉତ ସଂଯୋଜନା କରିଥିବା ବେଳେ ଡକ୍ଟର ଉତ୍ତମ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ, ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ, ପ୍ରିତମ ପ୍ରିୟଦର୍ଶୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ବୁଲେଟିନ୍ ଦି କ୍ୱେଷ୍ଟକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ବିଜୟ କୁମାର ସାହୁ, ବିଶ୍ୱରଞ୍ଜନ ସାହୁ, ବିଶ୍ୱଜିତ ରାଉତ, ବିଦ୍ୟ ରନ ସାହୁ, ନରେଶ ସାହା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କୃତୀ ଛାତ୍ରଛାତ୍ରୀ ଗୋଦାବରିଶ ବେହେରା, ପ୍ରଭାତ କୁମାର ସେଠୀ, ପଦାର୍ଥ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ୧୫୨ ବର୍ଷ ଧରି ଦୁଇ ଗାଁକୁ ଏକତା ସୂତ୍ରରେ ବାନ୍ଧି ରଖିଛି ନହଙ୍ଗି ପାଟଣା ଦୋଳ ମିଳନ



ରାମଚନ୍ଦ୍ରପୁର,୭।୩ (ନି.ପ୍ର): କେଉଁ ଆବାହନ କାଳରୁ ଅନୁଷ୍ଠିତ ହୋଇ ଆସୁଥିବା ଏହି ଦୋଳ ମେଲଣ ନହଙ୍ଗି ଏବଂ ଜନାର୍ଦ୍ଦନପୁର-ପାଟଣା ଗାଁକୁ ଏକତା ସୂତ୍ରରେ ବାନ୍ଧି ରଖି ଆସିଛି । ଆଜକୁ ୧୫୨ବର୍ଷ ତଳରୁ ଆରମ୍ଭ ହୋଇଥିବା ଏହି ଦୋଳ ଉତ୍ସବ କେନ୍ଦୁଝର ଜିଲ୍ଲାର ସର୍ବ ପୁରାତନ ଦୋଳ ମିଳନ ବୋଲି ଲୋକ ଶ୍ରୁତି ମଧ୍ୟ ରହିଛି । ପ୍ରତ୍ୟେକ ବର୍ଷ ଦୋଳ ପୂର୍ଣ୍ଣମୀ ପରେ ଦୁଇ ଗାଁ ହୋଇ ଉଠେ ଉତ୍ସବ ମୁଖର, ଗାଁ ମୁଖ୍ୟ ରାସ୍ତାରେ ତୋରଣ ତିଆରି ସହ ରଙ୍ଗ ବେରଙ୍ଗ ଆଲୋକମାଳାରେ ସାହି ବସ୍ତିକୁ ସଜାଯାଇଥାଏ । ଦୁଇ ଗ୍ରାମରୁ ସୁସଜ୍ଜିତ ଦୋଳ ବିମାନରେ ରାଧାକୃଷ୍ଣ ଯୁଗଳ ମୂରତିକୁ ଧରି ନଗର ଭ୍ରମଣ କରାଇ ମେଲଣ ପଡିଆ ଠାରେ ଏକତ୍ରିତ ହୋଇଥାନ୍ତି ଶ୍ରଦ୍ଧାଳୁ । ଘଣ୍ଟ, ଘଣ୍ଟା, ଖୋଳ, ମୃଦଙ୍ଗ ଧ୍ୱନି, ଘୋଡାନାଚ ସାଙ୍ଗକୁ ଭକ୍ତଙ୍କ ଭାବ ଭକ୍ତିରେ ପ୍ରକମ୍ପିତ ହୋଇଥାଏ ଗାଁ ଦାଣ୍ଡ । ରାତି ସାରା ଦୋଳ ବିମାନରେ ସବାର ହୋଇ ସକାଳୁ ସକାଳୁ ମେଲଣ ପଡିଆକୁ ଯାଇଥାନ୍ତି । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ବିଭିନ୍ନ ଘରକରଣା ଜିନିଷପତ୍ର ସହ ସ୍ୱାଦିଷ୍ଟ ଖାଦ୍ୟ ସାମଗ୍ରୀର ଭରପୁର ମଜା ଉଠାଉଥିବା ଦେଖିବାକୁ ମିଳିଛି । ଆଖପାଖ ଗ୍ରାମରୁ ଦୋଳ ମେଲଣ ଦେଖିବାକୁ ପ୍ରବଳ ଜନସମାଗମ ହେଉଥିବାରୁ ସ୍ଥାନୀୟ ରାମଚନ୍ଦ୍ରପୁର ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ । ଏହି ଦୋଳ ମେଲଣ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଭାବ ମିଳନର ସମ୍ପର୍କକୁ ବଜାୟ ରଖିବା ସହ ଦୁଇ ଗ୍ରାମକୁ ଏକତା ସୂତ୍ରରେ ବାନ୍ଧି ରଖି ଆସିଛି । ଚଳିତ ବର୍ଷ ଦୁଇ ଗ୍ରାମରୁ ୧୦ଟି ବିମାନର ବ୍ୟବସ୍ଥା ହୋଇଥିଲା । ଚଳିତ ବର୍ଷ ଅପେରା ଏବଂ ଦେବଦାସୀ ନୃତ୍ୟ ଦୋଳ ମିଳନର ମୁଖ୍ୟ ଆକର୍ଷଣ ସାଜିଥିଲା । ମେଲଣ ଉତ୍ସବକୁ ଜନାର୍ଦ୍ଦନପୁର ପାଟଣାର ଡାକ୍ତର ସ‌ଂତୋଷ କୁମାର ରାଉତ, ଦୁର୍ଯ୍ୟୋଧନ ସ୍ୱାଇଁ, ହୃଷିକେଶ ରାଉତ, ତ୍ରିଲୋଚନ ରାଉତ, ଭାଗିରଥି ରାଉତ, ଘନଶ୍ୟାମ ବୋଇତେଇ, ଜଗବନ୍ଧୁ ବଳ, ସୁରେଶ କୁମାର ରାଉତ, କାର୍ତ୍ତିକ ସ୍ୱାଇଁ, ରାଜେଶ ବୋଇତେଇ, ହରିହର ଦାସ, ସଂଜୟ ଦାସଙ୍କ ସମେତ ନହଙ୍ଗି ଗ୍ରାମର ବିଜୟ ଧଳ, ବିଶ୍ୱନାଥ ବେହେରା, ଶୁଭ୍ରାଂଶୁ ଦେଓ, ଶ୍ରୀଧର ଭୂୟାଁ, ବିପିନ ସ୍ୱାଇଁ, ପ୍ରଶା' ବିଶ୍ୱାଳ, ସୀତାକା' ଦେଓ, ବାବାଜୀ ଭୂୟାଁଙ୍କ ସମେତ ଦୁଇ ଗ୍ରାମର ଯୁବକ ସଂଘ ତରଫରୁ ଶତାଧିକ ଯୁବକ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ବେଦାନ୍ତ ଝାରସୁଗୁଡାରେ ମହିଳାମାନେ ଏକ ନୂତନ ଶିଳ୍ପ କାହାଣୀକୁ ଶକ୍ତି ଦେଇଛନ୍ତି

ଭୁବନେଶ୍ୱର,୭।୩(ନି.ପ୍ର): ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ମେଗା ଆଲୁମିନିୟମ ପ୍ଲାଣ୍ଟରେ ମହିଳା ବୃତିଗତ ମାନେ ଗୁଣବତାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ କ୍ରମଶଃ ନେତୃତ୍ୱ ନେଉଛନ୍ତି। ମହିଳା ଇଞ୍ଜିନିୟର ଏବଂ ଟେକ୍ନିସିଆନ୍ ମାନେ କଠୋର ପରୀକ୍ଷଣ ପ୍ରକ୍ରିୟାଗୁଡ଼ିକ ତଦାରଖ କରନ୍ତି, ଯାହା ପ୍ରଥମ ପର୍ଯ୍ୟାୟରେ ନିର୍ଭରଯୋଗ୍ୟତା ଏବଂ ସ୍ଥିରତା ସ୍ଥାପନ କରେ, କଂଚାମାଲକୁ ବୈଧ କରେ, ଇଲେକ୍ଟ୍ରୋଲାଇଟିକ୍ ଅବସ୍ଥା ନିରୀକ୍ଷଣ କରେ ଏବଂ କଠୋର ମାନଦଣ୍ଡ ବିରୁଦ୍ଧରେ ସମାପ୍ତ ଧାତୁକୁ ପ୍ରମାଣିତ କରେ । ସେମାନଙ୍କର କାର୍ଯ୍ୟ ସମଗ୍ର ପ୍ଲାଂଟରେ ସ୍ଥିର, ଉଚ୍ଚ ବିଶୁଦ୍ଧତା ଆଲୁମିନିୟମ ଉତ୍ପାଦନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଗଠନ କରେ, ଯେଉଁଠାରେ ୫୫୦ରୁ ଅଧିକ ପ୍ରତ୍ୟକ୍ଷ ମହିଳା କର୍ମଚାରୀ ବର୍ତମାନ କାର୍ଯ୍ୟରେ ଯୋଗଦାନ ଦିଅନ୍ତି, ଯାହା କମ୍ପାନୀର ଅଧିକ ଲିଙ୍ଗ ବିବିଧତା ଏବଂ ବୈଷୟିକ ଅନ୍ତର୍ଭୁକ୍ତିକରଣ ପ୍ରତି ଚାଲୁଥିବା ପରିବର୍ତନକୁ ପ୍ରତିଫଳିତ କରେ । ଏହି ଗୁଣବତା ପ୍ରୟୋଗଶାଳାଗୁଡ଼ିକରେ, ଦଳଗୁଡ଼ିକ ହ୍ରାସ ପ୍ରକ୍ରିୟା ପରୀକ୍ଷା ପରିଚାଳନା କରନ୍ତି, ଯାହା ଆଲୁମିନାକୁ ସ୍ଥିର ଭାବରେ ଉଚ୍ଚ ବିଶୁଦ୍ଧତା ଆଲୁମିନିୟମରେ ରୂପାନ୍ତରିତ କରିବା ନିଶ୍ଚିତ କରିବା ପାଇଁ ତରଳାଇବା ପାତ୍ର ଅବସ୍ଥାଗୁଡ଼ିକର ମୂଲ୍ୟାଙ୍କନ କରେ ସେମାନେ କଠୋର ଗୁଣବତା ମାନଦଣ୍ଡରେ ଇନପୁଟ୍ ଏବଂ ସମାପ୍ତ ଉତ୍ପାଦ ଉଭୟର ରାସାୟନିକ ଏବଂ ଭୌତିକ ଅଖଣ୍ଡତା



ଯାଂଚ କରି ସାମଗ୍ରୀ ବିଶ୍ଳେଷଣ ମଧ୍ୟ କରନ୍ତି । ଏହି ମୂଲ୍ୟାଙ୍କନଗୁଡ଼ିକ ସ୍ମେଲ୍ଟର ଲାଇନ୍ ଏବଂ ଡାଉନଷ୍ଟ୍ରିମ୍ ୟୁନିଟ୍ ମଧ୍ୟରେ ସୁରକ୍ଷା, ସଠିକତା ଏବଂ କାର୍ଯ୍ୟଦକ୍ଷତାକୁ ସମର୍ଥନ କରି ସୁଗମ ପ୍ଲାଂଟ କାର୍ଯ୍ୟର ଭିତିଭୂମି ଗଠନ କରେ।

ବେଦାନ୍ତ ଆଲୁମିନିୟମ ପ୍ରତିନିଧିତ୍ୱ ବୃଦ୍ଧି କରିବା ପାଇଁ ଏକ ସଂରଚିତ ପ୍ରତିବଦ୍ଧତା ସହିତ ଏହି ପରିବର୍ତନକୁ ଆଗେଇ ନେଉଛି, ଯାହା ୨୦୩୦ ସୁଦ୍ଧା ଏହାର କର୍ମଶକ୍ତିରେ ୩୦% ମହିଳା ପାଇଁ ଲକ୍ଷ୍ୟ ରଖିଛି । ଗତ ବର୍ଷ ମଧ୍ୟରେ, କମ୍ପାନୀ ଭାରତର ପ୍ରଥମ ସମସ୍ତ ମହିଳା ପଟଲାଇନ୍, ସମସ୍ତ ମହିଳା ଲୋକୋମୋଟିଭ୍ ଦଳ ଏବଂ ଏକ ସମସ୍ତ ମହିଳା ପାୱାର ପ୍ଲାଂଟ ୟୁନିଟ୍ ଭଳି ମାଇଲଖୁଂଟ ପଦକ୍ଷେପ ଆରମ୍ଭ କରିଛି । ଶ୍ରୀ ଶକ୍ତି ପଦକ୍ଷେପ ମାଧ୍ୟମରେ, ଝାରସୁଗୁଡା ମଧ୍ୟ ଓଡ଼ିଶାରେ ପ୍ରଥମ ଉତ୍ପାଦନ ସ୍ଥଳ ପାଲଟିଛି ଯେଉଁଠାରେ ମହିଳା କର୍ମଚାରୀମାନଙ୍କୁ ରାତି ସିଫ୍ଟ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଯାହା ଦକ୍ଷତା ବିକାଶ ଏବଂ କ୍ୟାରିଅର ପ୍ରଗତି ପାଇଁ ସୁଯୋଗକୁ ସୁଦୃଢ଼ କରୁଛି। ଏହି ପଦକ୍ଷେପଗୁଡ଼ିକ ଉପରେ ମତ ଦେଇ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ‘‘ଆମେ ବିଶ୍ୱାସ କରୁଛୁ ଯେ ଅନ୍ତର୍ଭୁକ୍ତି ବିକାଶ ନବସୃଜନ ଏବଂ ଉକର୍ଷତା ପାଇଁ ଜରୁରି ଅଟେ ଆମର କାର୍ଯ୍ୟରେ ମହିଳା ବୃତିଗତଙ୍କ ବୃଦ୍ଧି ପାଉଥିବା ଅଂଶଗ୍ରହଣ ଏକ ସମାନ କର୍ମକ୍ଷେତ୍ର । ନିର୍ମାଣ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଯେଉଁଠାରେ ପ୍ରତିଭା ଏବଂ ଦୃଢ଼ ନିଷ୍ପତି ସଫଳତାକୁ ପରିଭାଷିତ କରେ ।ଏହି ମହିଳାମାନେ କେବଳ କାର୍ଯ୍ୟକ୍ଷମ ଉକର୍ଷତାକୁ ଆଗେଇ ନେଉନାହାଁନ୍ତି ବରଂ ନୂତନ ପିଢ଼ିକୁ ଉତ୍ପାଦନକୁ ସମାନ ସୁଯୋଗର ସ୍ଥାନ ଭାବରେ ଦେଖିବା ପାଇଁ ପ୍ରେରଣା ଦେଉଛନ୍ତି’’।

## ଡ. ଶଶାଙ୍କ ଶେଖର ଦଳାଇଙ୍କ ପିଏଚ୍‌ଡି ଲାଭ



ଗବେଷକ ଶଶାଙ୍କ ଶେଖର ଦଳାଇ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଆର୍) ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ)ର କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗରେ ସମ୍ମାନସୂଚକ ପିଏଚ୍‌ଡି ଉପାଧି ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା ଆଡ୍‌ଭାନ୍ସଡ୍ କମ୍ପ୍ୟୁଟର ଏଡେଡ୍ ଡାଇଗ୍ନୋଶିସ୍ ଫର୍ କ୍ୟାନ୍‌ସର ଡିଟେକ୍‌ସନ୍ ୟୁଜିଂ ଟ୍ରାନ୍ସଫର ଲର୍ଣ୍ଣିଂ ଆଣ୍ଡ ଡିପ୍ ଲର୍ଣ୍ଣିଂ ଫ୍ରେମ୍ୱାର୍କ। ଶ୍ରୀ ଦଳାଇ ଉକ୍ତ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ଓ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଭରତ ଜ୍ୟୋତି ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ସନ୍ଦର୍ଭ ପୁଡୁଚେରୀସ୍ଥିତ ଏନ୍‌ଆଇଟି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବି ସୁରେନ୍ଦ୍ରନ ଏବଂ ଜର୍ମାନୀର ଆଇଏଫ୍‌ଆଇଏସ୍ ଲୁବେକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସଭେନ ଗ୍ରୋପପେଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚପ୍ରଶଂସିତ ହୋଇଛି। ଡ. ଦଳାଇ ଖୋର୍ଦ୍ଧା ଜିଲ୍ଲା ଖୋର୍ଦ୍ଧା ଗ୍ରାମର ରାଜେନ୍ଦ୍ର କୁମାର ଦଳାଇ ଏବଂ ଗୌରୀ ଦଳାଇଙ୍କ ପୁତ୍ର।

## ରଜତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ସମ୍ବଲପୁର, ୭।୩ (ନି.ପ୍ର): ସମ୍ବଲପୁର ମହାନଗର ନିଗମ ଅଧୀନ ଧନକଉଡ଼ା ଖେଳ ପଡିଆରେ ଡିଏକ୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଚତୁର୍ଥ ରଜତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ରତ୍ନାକର ବେହେରା ଯୁବକ ସଂଘର ସମ୍ପାଦକ ତଥା ସମାଜସେବୀ ହୀରାଲାଲ ବେହେରା ମୁଖ୍ୟ



ଅତିଥି ଭାବେ ଯୋଗଦେଇ ଫିତା କାଟି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାମ୍ବାଦିକ ସରୋଜ ସାହୁ, ଆଖଣ୍ଡଳ ପଣ୍ଡା, ପର୍ଶୁରାମ ପଣ୍ଡା, ସୁକାନ୍ତ ସାହୁ ଓ ଅଙ୍ଗଦ ସ୍ୱାଇଁ ଅତିଥି ଭାବେ ଉପସ୍ଥିତ ଥିଲେ। କ୍ଲବ ସଭାପତି ଚିନ୍ମୟ ଦାସଙ୍କ ନେତୃତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନୀଳମଣି ସାହୁ, କୁନା ସୁସାରୀ, ଆକାଶ କୁମାର ସାହୁ, ସାଗର ଦାସ ଓ ଗୌତମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଗେମ୍ ଚେଞ୍ଜର ଓ ବ୍ଲେକ ଟାଇଗର କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତାକାଲି ରବିବାର ଅପରାହ୍ଣ ୪ଟାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ମ୍ୟାଚ ଗୁଡ଼ିକରେ ସପନ ଖତ୍ରୀ ଓ ରମେଶ ଚନ୍ଦ୍ର ନାୟକ ଅମ୍ପାୟାର ଭାବେ ଦାୟିତ୍ୱ ପାଳନ କରୁଥିବା ବେଳେ ଆର୍‌ଆର୍ ସ୍ପୋର୍ଟ୍ସ ପକ୍ଷରୁ ସ୍କୋରିଂ କାର୍ଯ୍ୟ ସମ୍ଭାଳାଯାଉଛି। ଟୁର୍ଣ୍ଣାମେଣ୍ଟର ସୁଚାରୁ ପରିଚାଳନା ପାଇଁ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରୁଥିବା ଦେଖାଯାଇଛି।









# ତେହେରାନ ଉପରେ ପୁଣି ଇସ୍ରାଏଲର ଆକ୍ରମଣ
## ଜବାବରେ ଇରାନର ପ୍ରତିଶୋଧ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଜାରି ରହିଛି ମହାଲଢେଇ। ସକାଳୁ ସକାଳୁ ଇରାନ ଉପରେ ପୁଣି ଆକ୍ରମଣ କରିଛି ଇସ୍ରାଏଲ। ସେପଟେ ସାଉଦି ଆରବର ରାଜଧାନୀ ରିୟାଦରେ ମଧ୍ୟ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି। ଦୁବାଇ ଏବଂ ବାହାରିନର ରାଜଧାନୀ ମାନାମାରେ ବିସ୍ଫୋରଣ ଶୁଣାଯାଇଛି। ଦୁବାଇରେ ଦୁଇଟି ଏବଂ ମାନାମାରେ ଗୋଟିଏ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଛି।



ବାହାରିନର ଗୃହ ମନ୍ତ୍ରଣାଳୟ 'ଏକ୍ସ'ରେ ପୋଷ୍ଟ କରି ନାଗରିକ ଓ ବାସିନ୍ଦାଙ୍କୁ ଶାନ୍ତ ରହିବା ଏବଂ ନିକଟତମ ନିରାପଦ ସ୍ଥାନକୁ ଯିବାକୁ ଅନୁରୋଧ କରାଯାଇଛି।

ଇସ୍ରାଏଲ କହିଛି ଯେ, ଶନିବାର ସକାଳେ ଇରାନ ରାଜଧାନୀ ତେହେରାନ ଉପରେ ଏକ ବ୍ୟାପକ ଆକ୍ରମଣ ଆରମ୍ଭ କରିଛି। ରାଜଧାନୀର ପଶ୍ଚିମ ଭାଗରେ ବିସ୍ଫୋରଣ ଏବଂ ଧୂଆଁ ଦେଖିବାକୁ ମିଳୁଛି। ଇସ୍ରାଏଲୀ ଯୁଦ୍ଧ ବିମାନଗୁଡ଼ିକ ଇରାନର ରାଜଧାନୀ ଏବଂ ବୈରୁତ ଉପରେ ବୋମା ମାଡ଼ କରିବା ପରେ ଇରାନ ଯୁଦ୍ଧର ଅଷ୍ଟମ ଦିନରେ ଇସ୍ରାଏଲ ଏବଂ ଉପସାଗରୀୟ ଦେଶଗୁଡ଼ିକ ଉପରେ ଅଧିକ ପ୍ରତିଶୋଧମୂଳକ ଆକ୍ରମଣ ଆରମ୍ଭ କରିଛି।

ଇସ୍ରାଏଲୀ ସେନା କହିଛି, ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଇରାନ କ୍ଷେପଣାସ୍ତ୍ର ଆକ୍ରମଣର ଜବାବ ଦେଉଛି। ଇରାନରୁ ଇସ୍ରାଏଲ ରାଜ୍ୟ ଅଞ୍ଚଳ ଆଡକୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ର ଚିହ୍ନଟ କରିଛି। ପ୍ରତିରକ୍ଷା ବ୍ୟବସ୍ଥା ବିପଦକୁ ପ୍ରତିହତ କରିବା ପାଇଁ କାର୍ଯ୍ୟ କରୁଛି।

ସୁରକ୍ଷା ସୂତ୍ର ଅନୁଯାୟୀ, ଶୁକ୍ରବାର ମଧ୍ୟରାତ୍ରି ପରେ ବାଗଦାଦ ବିମାନବନ୍ଦର କମ୍ପ୍ଲେକ୍ସକୁ ଟାର୍ଗେଟ କରି ଏକ ଡ୍ରୋନ୍ ଆକ୍ରମଣ କରାଯାଇଥିଲା, ଯେଉଁଠାରେ ଏକ ସାମରିକ ଘାଟି ଏବଂ ଏକ ଆମେରିକୀୟ କୂଟନୈତିକ ପ୍ରତିଷ୍ଠାନ ରହିଛି।

ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ସହିତ ବିମାନବନ୍ଦର ଉପରେ ଅନେକ ଆକ୍ରମଣ ହୋଇଛି, ଘଟଣାସ୍ଥଳକୁ ଆମ୍ବୁଲାନ୍ସ ପଠାଯାଇଛି। ଡ୍ରୋନ୍ ଆକ୍ରମଣ ପରେ ବିମାନବନ୍ଦରରେ ଅଗ୍ନିକାଣ୍ଡ ଘଟିଥିବା ଅନ୍ୟ ଏକ ସୁରକ୍ଷା ସୂତ୍ରରୁ ଜଣାପଡ଼ିଛି।

ତେହେରାନର ମେହରାବାଦ ବିମାନବନ୍ଦରରେ ବିସ୍ଫୋରଣ ହୋଇଛି। ଇରାନର ଘରୋଇ ବିମାନ ଚଳାଚଳ କରୁଥିବା ମେହରାବାଦ ବିମାନବନ୍ଦର ଉପରେ ଆକ୍ରମଣ କରାଯାଇଛି। ସୋସିଆଲ ମିଡିଆରେ ପ୍ରତ୍ୟକ୍ଷଦର୍ଶୀଙ୍କ ଦ୍ୱାରା ଶେୟାର କରାଯାଇଥିବା ଫୁଟେଜରେ ଇରାନର ସବୁଠାରୁ ବ୍ୟସ୍ତବହୁଳ ବିମାନବନ୍ଦର ଏବଂ ମୁଖ୍ୟ ଘରୋଇ ହବ୍ ମେହରାବାଦ ବିମାନବନ୍ଦର ଜଳୁଥିବା ବିମାନ ଏବଂ ଧୂଆଁ ଦୃଶ୍ୟମାନ ହେଉଛି। ବିମାନବନ୍ଦରରେ ଏକାଧିକ ବିମାନ ଥିଲା ବୋଲି ନିଆଯାଇଥିବା ସାଟେଲାଇଟ୍ ଚିତ୍ର ଦର୍ଶାଉଛି।

ଅନ୍ୟପକ୍ଷେ ସାଉଦି ଆରବର ରାଜଧାନୀ ରିୟାଦ ଏବଂ ଏକ ପ୍ରମୁଖ ତୈଳ କ୍ଷେତ୍ର ଡ୍ରୋନ ଆକ୍ରମଣର ସମ୍ମୁଖୀନ ହୋଇଛି। ସାଉଦି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଏହା ଏପର୍ଯ୍ୟନ୍ତ ରାଜ୍ୟ ଭିତରକୁ ଆସୁଥିବା ସମସ୍ତ ଡ୍ରୋନକୁ ଅଟକାଇ ଦେଇଛି। ସାଉଦି ଆରବର ବିଶାଳ ଶାୟବା ତୈଳ କ୍ଷେତ୍ର ବିଶେଷ ଆକ୍ରମଣର ଶିକାର ହୋଇଛି।

## ଇରାନ ନଇଁବାକୁ ପଡ଼ିବ
# ନଚେତ୍ ପରିଣାମ ଭୟଙ୍କର

**ୱାଶିଂଟନ,୭।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଏବେ ମହାଯୁଦ୍ଧର ପରିସ୍ଥିତି। ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଏକ ନୂଆ ମୋଡ଼ ନେଇଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ବୟାନ ଦେଇ ଇରାନକୁ ସିଧାସଳଖ ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଇରାନକୁ ବିନା ସର୍ତ୍ତରେ ଆତ୍ମସମର୍ପଣ କରିବାକୁ ପଡ଼ିବ, ନହେଲେ ଏହି ଆକ୍ରମଣ ଜାରି ରହିବ।



ମଧ୍ୟପ୍ରାଚ୍ୟରେ ବାରୁଦର ଗନ୍ଧ ବ୍ୟାପିବାରେ ଲାଗିଛି। ଗୋଟିଏ ପଟେ ଆମେରିକା ଓ ଇସ୍ରାଏଲର ମିଳିତ ପ୍ରହାର, ଅନ୍ୟପଟେ ଇରାନ ଭିତରେ କ୍ଷମତା ପାଇଁ ସଂଘର୍ଷ। ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ଇରାନ ସହିତ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ। ଇରାନରେ ଏକ 'ସଠିକ୍ ନେତୃତ୍ୱ' ଆସିବା ଦରକାର ବୋଲି ଟ୍ରମ୍ପ କହିଛନ୍ତି। ଟ୍ରମ୍ପଙ୍କ କହିବା ଅନୁସାରେ, ଯଦି ଇରାନ ନଇଁଯାଏ, ତେବେ ସହଯୋଗୀ ଦେଶମାନଙ୍କ ସହାୟତାରେ ଇରାନର ଅର୍ଥନୀତିକୁ ପୁଣି ଥରେ ସୁଧାରିବା ପାଇଁ ଚେଷ୍ଟା କରାଯିବ।

# ଆତ୍ମସମର୍ପଣ ସ୍ୱପ୍ନକୁ କବର ଯାଏ ନେଇପାରିବେ

**ତେହେରାନ,୭।୩(ଏଜେନ୍ସି):** ଇରାନ ଉପରେ ଗତ ଶନିବାରଠାରୁ ଇସ୍ରାଏଲ ଓ ଆମେରିକା ଆକ୍ରମଣ ଜାରି ରଖିଥିବାବେଳେ ଇରାନ ମଧ୍ୟ ସେମାନଙ୍କ ଉପରେ ପାଲଟା ଆକ୍ରମଣ କରୁଛି। ଇରାନ ଇସ୍ରାଏଲ ଉପରେ ସିଧାସଳଖ ଆକ୍ରମଣ କରୁଥିବାବେଳେ ପଶ୍ଚିମ ଏସିଆରେ ଥିବା ଆମେରିକାର ସାମରିକ ଘାଟି ଉପରେ ଜୋରଦାର ଆକ୍ରମଣ କରୁଛି।



ଇରାନର ଆକ୍ରମଣରେ ମଧ୍ୟପ୍ରାଚ୍ୟରେ ଏହାର ପଡ଼ୋଶୀ ଦେଶମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଇରାନ କର୍ତ୍ତୃପକ୍ଷ ଏହି ଆକ୍ରମଣକୁ ୱାଶିଂଟନ ଏବଂ ତେଲଅଭିଭର ଆକ୍ରମଣ ବିରୋଧରେ ପ୍ରତିଶୋଧମୂଳକ ପଦକ୍ଷେପ ଭାବରେ ପ୍ରସ୍ତୁତ କରିଛନ୍ତି। ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ପଡ଼ୋଶୀ ଦେଶମାନଙ୍କୁ ଆକ୍ରମଣ ପାଇଁ କ୍ଷମା ମାଗିଛନ୍ତି।

ଶନିବାର ଇରାନର ସରକାରୀ ଟେଲିଭିଜନରେ ପ୍ରସାରିତ ଏହି ଭାଷଣ ପୂର୍ବରୁ ରେକର୍ଡ଼ କରାଯାଇଥିଲା। ଏଥିରେ ପେଜେସ୍କିଆନ କହିଛନ୍ତି, ତେହେରାନ ଅନ୍ୟ ଦେଶ ଉପରେ ଆକ୍ରମଣ କରିବାକୁ କୌଣସି ଉଦ୍ଦେଶ୍ୟ ପୋଷଣ କରେନାହିଁ। ସେ ଆହୁରି କହିଛନ୍ତି, ଦେଶର ଅସ୍ଥାୟୀ ନେତୃତ୍ୱ ପରିଷଦ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ଏକ ନିଷ୍ପତ୍ତିକୁ ଅନୁମୋଦନ କରିଛି। ଯଦି ଇରାନ ଉପରେ ସିଧାସଳଖ ସେମାନଙ୍କ ଦ୍ୱାରା ଆକ୍ରମଣ କରାନଯାଏ ତେବେ ତେହେରାନ ପଡ଼ୋଶୀ ଦେଶଙ୍କ ଉପରେ ଆକ୍ରମଣ କରିବ ନାହିଁ।

ସେହିପରି ଆମେରିକା ଆଗରେ ଆତ୍ମସମର୍ପଣ କଥାକୁ ଇରାନ ରାଷ୍ଟ୍ରପତି ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ପେଜେସ୍କିଆନ କହିଛନ୍ତି, ସେମାନେ ଆମର ନିଃସର୍ତ୍ତ ଆତ୍ମସମର୍ପଣର ସ୍ୱପ୍ନକୁ କବର ପର୍ଯ୍ୟନ୍ତ ନେଇପାରିବେ। ଇରାନ ରାଷ୍ଟ୍ରପତିଙ୍କ ଏହି ବିବୃତି କ୍ରମାଗତ ଆଞ୍ଚଳିକ ସଂଘର୍ଷ ମଧ୍ୟରେ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ଦୃଢ଼ ମନୋଭାବ ବଜାୟ ରଖି ପଡ଼ୋଶୀ ଦେଶମାନଙ୍କୁ ଆଶ୍ୱସ୍ତ କରିବା ପାଇଁ ତେହେରାନର ପ୍ରୟାସକୁ ସଙ୍କେତ ଦେଉଛି।

# ଆମେରିକା ଓ ପାକିସ୍ତାନରେ ହାହାକାର
## ଆକାଶଛୁଆଁ ପେଟ୍ରୋଲ ଓ ଡିଜେଲ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ଇରାନ ସହିତ ବୃଦ୍ଧି ପାଉଥିବା ଯୁଦ୍ଧ ଏବେ ସ୍ପଷ୍ଟ ଭାବରେ ଆମେରିକାର ଅର୍ଥନୀତି ଏବଂ ସାଧାରଣ ଲୋକଙ୍କ ପକେଟକୁ ପ୍ରଭାବିତ କରୁଛି। ଆମେରିକୀୟମାନେ ଦୋହରା ଭାବେ ଫସି ରହିଛନ୍ତି। ଗୋଟିଏ ପଟେ ଇରାନ ସହିତ ଲଢ଼ିବା ପାଇଁ ପ୍ରତିଦିନ ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ ହେଉଛି ଏବଂ ଅନ୍ୟପଟେ ଏହି ଯୁଦ୍ଧ ଯୋଗୁ ପେଟ୍ରୋଲ ଏବଂ ଡିଜେଲ ଦର ଆକାଶଛୁଆଁ ହେବାରେ ଲାଗିଛି।



ପାକିସ୍ତାନରେ ପେଟ୍ରୋଲ ପାଇଁ ଲୋକଙ୍କ ଲମ୍ବା ଧାଡ଼ି

ଆମେରିକାରେ ପ୍ରତି ଗ୍ୟାଲନ ପେଟ୍ରୋଲର ମୂଲ୍ୟ ୩.୩୨ ଡଲାରରେ ପହଞ୍ଚିଛି। ଏକ ସପ୍ତାହ ମଧ୍ୟରେ ଏହା ପୂର୍ବ ତୁଳନାରେ ପ୍ରାୟ ୧୧ ପ୍ରତିଶତ ବୃଦ୍ଧି ପାଇଛି। ଡିଜେଲ ମୂଲ୍ୟ ପ୍ରତି ଗ୍ୟାଲନ ୪.୩୩ ଡଲାରରେ ପହଞ୍ଚିଛି। ଏହା ଏକ ସପ୍ତାହ ମଧ୍ୟରେ ପ୍ରାୟ ୧୫ ପ୍ରତିଶତ ବୃଦ୍ଧି ହୋଇଛି। ଏକ ଗ୍ୟାଲନ୍ ପ୍ରାୟ ୩.୭୮ ଲିଟର। ତେଣୁ ଲିଟର ପ୍ରତି ଦର ୦.୮୮ ଡଲାର ବା ଭାରତୀୟ ଟଙ୍କାରେ ପ୍ରାୟ ୮୧ ଟଙ୍କା ଛୁଇଁଛି।

ଆମେରିକା-ଇରାନ ଯୁଦ୍ଧ ପରଠାରୁ ବିଶ୍ୱ ତୈଳ ବଜାର ଅସ୍ଥିରତାରେ ରହିଛି। ପାରସ୍ୟ ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀରେ ଯୁଦ୍ଧ ଏବଂ ଆକ୍ରମଣ ଯୋଗୁ ତୈଳ ଟ୍ୟାଙ୍କରଗୁଡ଼ିକର ଚଳାଚଳ ବିପଦରେ ପଡ଼ିଛି। ଏହି ସମୁଦ୍ର ପଥ ଦେଇ ବିଶ୍ୱର ପ୍ରାୟ ୨୦% ତୈଳ ଯୋଗାଣ ହୁଏ। ଏହି ମାର୍ଗ ପ୍ରତି ବିପଦ ବଢ଼ିବା ସହିତ ସମଗ୍ର ବଜାରରେ ତୈଳ ଦର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି।

ଅପରପକ୍ଷରେ ପାକିସ୍ତାନରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୫୫ଟଙ୍କା ବୃଦ୍ଧି ପାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ତିନି ଜଣ କେନ୍ଦ୍ରୀୟ ମନ୍ତ୍ରୀ ଏହି ଦର ବୃଦ୍ଧି ନେଇ ଘୋଷଣା କରିଛନ୍ତି। ବର୍ଦ୍ଧିତ ମୂଲ୍ୟ ମାର୍ଚ୍ଚ ୭ ତାରିଖ ମଧ୍ୟରାତ୍ରି ପରେ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଇନ୍ଧନ କିଣିବା ପାଇଁ ପାକିସ୍ତାନର ପେଟ୍ରୋଲ ପମ୍ପଗୁଡ଼ିକରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି।

ମୂଲ୍ୟ ବୃଦ୍ଧି ପରେ ପାକିସ୍ତାନରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୩୨୧.୧୭ ପାକିସ୍ତାନୀ ଟଙ୍କା (ପିକେଆର୍) ଓ ହାଇ-ସ୍ପିଡ୍ ଡିଜେଲର ମୂଲ୍ୟ ଲିଟର ପିଛା ୩୩୫.୮୬ ପିକେଆରରେ ପହଞ୍ଚିଛି। ମୂଲ୍ୟ ବୃଦ୍ଧି ଖବର ପ୍ରଚାରିତ ହେବା ମାତ୍ରେ ଲାହୋର, କରାଚୀ, ଇସଲାମାବାଦ ଓ ରାୱଲପିଣ୍ଡି ଭଳି ପ୍ରମୁଖ ସହରରେ ଲୋକମାନେ ମଧ୍ୟରାତ୍ରିରୁ ପେଟ୍ରୋଲ କିଣିବା ପାଇଁ ଧାଡ଼ି ଲଗାଇଛନ୍ତି।

## ୬୦ ଟଙ୍କା ବଢ଼ିଲା ଗ୍ୟାସ୍ ସିଲିଣ୍ଡର ମୂଲ୍ୟ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ, ମୁଦ୍ରାସ୍ଫୀତି ଝଟକା। ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟ ୬୦ ଟଙ୍କା ବୃଦ୍ଧି ପାଇଛି, ଯେତେବେଳେ କି ବାଣିଜ୍ୟିକ ସିଲିଣ୍ଡର ୧୧୫ ଟଙ୍କା ମହଙ୍ଗା ହୋଇଛି। ଆଜିଠାରୁ ନୂତନ ଦର ଲାଗୁ କରାଯାଇଛି। ସେଗୁଡ଼ିକୁ ଇଣ୍ଡିଆନ ଅଏଲ୍ ୱେବସାଇଟରେ ମଧ୍ୟ ଅପଡେଟ୍ କରାଯାଇଛି।

ଏପ୍ରିଲ ୨୦୨୫ ପରଠାରୁ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରାଯାଇନଥିଲା। ଏବେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୬୦ ଟଙ୍କା ବୃଦ୍ଧି କରାଯାଇଛି। ଦିଲ୍ଲୀରେ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୮୫୩ ଟଙ୍କାରୁ ୯୧୩ ଟଙ୍କାକୁ ବୃଦ୍ଧି ପାଇଛି। କୋଲକାତାରେ ମୂଲ୍ୟ ୮୭୯ ଟଙ୍କାରୁ ୯୩୯ ଟଙ୍କାକୁ ବୃଦ୍ଧି ପାଇଛି, ଚେନ୍ନାଇରେ ଏହା ୮୬୮.୫୦ ଟଙ୍କାରୁ ୯୨୮.୫୦ ଟଙ୍କାକୁ ବୃଦ୍ଧି ପାଇଛି।

୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ମଧ୍ୟ ୧୧୫ ବୃଦ୍ଧି କରାଯାଇଛି। ଏହା ମଧ୍ୟ ୭ ମାର୍ଚ୍ଚରୁ କାର୍ଯ୍ୟକାରୀ ହେବ। ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ଏବେ ଦିଲ୍ଲୀରେ ୧୮୩୩ ଟଙ୍କା ଏବଂ ମୁମ୍ବାଇରେ ୧୮୩୫ ଟଙ୍କା ହେବ। ଏହା ସିଧାସଳଖ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଛୋଟ ବାଣିଜ୍ୟିକ ସ୍ଥାନ ଭଳି ବ୍ୟବସାୟ ଉପରେ ପ୍ରଭାବ ପକାଇବ।

# ତେଲ ଆମଦାନି ପାଇଁ ବିକଳ୍ପ ପଥ ଖୋଜୁଛି ଭାରତ
## ଅଷ୍ଟ୍ରେଲିଆ, କାନାଡ଼ାରୁ ଆସିବ ଗ୍ୟାସ୍

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ଆମେରିକା-ଇରାନ ଯୁଦ୍ଧ ପରିପ୍ରେକ୍ଷୀରେ ଭାରତକୁ ଅଶୋଧିତ ତେଲ ଓ ଗ୍ୟାସ୍ ଆମଦାନି ପ୍ରଭାବିତ ହୋଇଛି। ଫଳରେ ମଧ୍ୟପ୍ରାଚ୍ୟରୁ ଭାରତକୁ ତେଲ ଆସିପାରୁନାହିଁ। ଏଭଳି ସ୍ଥିତିରେ ବିକଳ୍ପ ଯୋଜନା କରିଛି ଭାରତ। ବିଶେଷକରି ଅଷ୍ଟ୍ରେଲିଆ ଓ କାନାଡ଼ାରୁ ଭାରତ ପ୍ରାକୃତିକ ଗ୍ୟାସ୍ ଆମଦାନି କରିବା ପାଇଁ ପ୍ରସ୍ତୁତ ହେଉଛି। ଜଳପଥରେ ହର୍ମୁଜ୍ ପ୍ରଣାଳୀ ପରିବର୍ତ୍ତେ ଅନ୍ୟ ରୁଟ୍‌ରେ ଏହା ଆମଦାନି କରାଯିବ। ଇତିମଧ୍ୟରେ ଭାରତକୁ ବିଭିନ୍ନ ଜାହାଜରେ ରୁଷ୍ ତେଲ ଆସିସାରିଛି। ସୂଚନାଯୋଗ୍ୟ, ଭାରତକୁ ଆମଦାନି ହେଉଥିବା ଅଶୋଧିତ ତେଲର ୪୦ ପ୍ରତିଶତ ହର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ। ତେବେ ଅବଶିଷ୍ଟ ୬୦ ପ୍ରତିଶତ ଅନ୍ୟ ରୁଟ୍‌ରେ ଆସିପାରିବ।

# ଛତ୍ରପତି ହତ୍ୟା ମାମଲା: ରାମ ରହିମ ନିର୍ଦ୍ଦୋଷରେ ଖଲାସ

**ଚଣ୍ଡିଗଡ଼,୭।୩(ଏଜେନ୍ସି):** ବହୁଚର୍ଚ୍ଚିତ ଛତ୍ରପତି ହତ୍ୟା ମାମଲାରେ ଡେରା ମୁଖ୍ୟ ରାମ ରହିମଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ସିବିଆଇ କୋର୍ଟଙ୍କ ରାୟକୁ ଆଂଶିକ ଭାବରେ ପରିବର୍ତ୍ତନ କରି ଡେରା ମୁଖ୍ୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ତେବେ କୋର୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ଅନ୍ୟ ତିନି ଅଭିଯୁକ୍ତ କୁଲଦୀପ, ନିର୍ମଳ ଓ କିଶନ ଲାଲଙ୍କ ଆଜୀବନ କାରାଦଣ୍ଡାଦେଶକୁ କାଏମ୍ ରଖିଛନ୍ତି।



ସିବିଆଇ ସ୍ୱତନ୍ତ୍ର କୋର୍ଟଙ୍କ ରାୟ ବିରୋଧରେ ଅଭିଯୁକ୍ତମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ରାୟ ଶୁଣାଇଛନ୍ତି। ମାମଲାରେ ପ୍ରମାଣ ଏବଂ ଯୁକ୍ତିର ବିସ୍ତୃତ ବିଚାର ପରେ କୋର୍ଟ ଜାଣିପାରିଛନ୍ତି ଯେ, ଡେରା ମୁଖ୍ୟଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଯଥେଷ୍ଟ ପ୍ରମାଣିତ ହୋଇନାହିଁ। ସେହି ଆଧାରରେ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

ଅନ୍ୟ ତିନି ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ଯଥେଷ୍ଟ ଥିବାରୁ ସେମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ହାଇକୋର୍ଟ ସେମାନଙ୍କ ଆଜୀବନ କାରାଦଣ୍ଡାଦେଶକୁ କାଏମ୍ ରଖିଛନ୍ତି। ଏହି ମାମଲା ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କ ହତ୍ୟା ସହିତ ଜଡ଼ିତ। ସେ ଡେରାରେ ଥିବା ସମୟରେ ଡେରା ବିରୋଧରେ ଗମ୍ଭୀର ଅଭିଯୋଗ ପ୍ରକାଶ କରିଥିଲେ ଏବଂ ପରେ ୨୦୦୨ ମସିହାରେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣା ଅଞ୍ଚଳରେ ଏକ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ଏବଂ ପରେ ମାମଲାଟି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରାଯାଇଥିଲା।

ଦୀର୍ଘ ବିଚାର ପରେ ୨୦୧୯ରେ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଡେରା ମୁଖ୍ୟ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସମସ୍ତ ଦୋଷୀ ରାୟକୁ ଚ୍ୟାଲେଞ୍ଜ କରି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଆବେଦନ କରିଥିଲେ। ଶୁଣାଣି ସମୟରେ ପ୍ରତିରକ୍ଷା ଏବଂ ସିବିଆଇ ଉଭୟ ବିସ୍ତୃତ ଯୁକ୍ତି ଉପସ୍ଥାପନ କରିଥିଲେ। କୋର୍ଟ ରେକର୍ଡ, ସାକ୍ଷୀଙ୍କ ବୟାନ ଏବଂ ପରିସ୍ଥିତିଗତ ତଥ୍ୟ ବିଶ୍ଳେଷଣ କରିଥିଲେ।

# ମହିଳାଙ୍କ ପାଇଁ ପ୍ରତିଶ୍ରୁତିର ପେଡ଼ି ଖୋଲିଲେ ବିଜୟ

**ଚେନ୍ନାଇ,୭।୩(ଏଜେନ୍ସି):** ଅଭିନେତାରୁ ରାଜନେତା ହୋଇଥିବା ତଥା ତାମିଲଗା ଭେଟ୍ରି କାଝାଗାମ (ଟିଭିକେ) ପ୍ରତିଷ୍ଠାତା ବିଜୟ ମହିଳା ଓ ପରିବାର କଲ୍ୟାଣ ପାଇଁ ପ୍ରତିଶ୍ରୁତିର ପେଡ଼ି ଖୋଲି ଦେଇଛନ୍ତି। ଆନ୍ତର୍ଜାତିକ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ମହାବଳୀପୁରମ୍‌ରେ ଦଳର ମହିଳା କ୍ୟାଡରଙ୍କ ସମାବେଶରେ ଉଦ୍‌ବୋଧନ ଦେଇ ସେ ଏକାଧିକ ଯୋଜନା ଘୋଷଣା କରିଛନ୍ତି। ସେ କହିଛନ୍ତି, ଟିଭିକେ କ୍ଷମତାସୀନ ହେଲେ ମହିଳାଙ୍କ କଲ୍ୟାଣ ପାଇଁ ସବୁ ବ୍ୟବସ୍ଥା କରାଯିବ। ସରକାରୀ କର୍ମଚାରୀଙ୍କ ବ୍ୟତିତ ୬୦ ବର୍ଷରୁ କମ୍ ବୟସର ମହିଳାମାନଙ୍କୁ ମାସିକ ୨,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଅନ୍ନ ପୁରାନି ସୁପର-୬ ଯୋଜନାରେ ପ୍ରତି ପରିବାରକୁ ବର୍ଷକୁ ୬ ଗ୍ୟାସ ସିଲିଣ୍ଡର ମାଗଣାରେ ଯୋଗାଇ ଦିଆଯିବ। ଏହାସହିତ ବିବାହ ସମୟରେ କନ୍ୟାମାନଙ୍କୁ ୮ ଗ୍ରାମ ସୁନା ଏବଂ ଏକ ପାଟଶାଢ଼ି ପ୍ରଦାନ କରାଯିବ। ଭେଟ୍ରି ପୟନମ୍ ଯୋଜନା ଅଧୀନରେ ମହିଳାମାନଙ୍କ ପାଇଁ ମାଗଣା ବସ୍ ଯାତ୍ରା ବ୍ୟବସ୍ଥା କରାଯିବ।



ଏତଦ୍‌ଭିନ୍ନ ନବଜାତ ଶିଶୁଙ୍କୁ ସୁନା ମୁଦି ଏବଂ ସ୍କୁଲରେ ଡ୍ରପ୍‌ଆଉଟ ରୋକିବାକୁ କାମରାଜର କାଲଭି ଥୁଥି ଥିଟ୍ଟମ ଅଧୀନରେ ପ୍ରତି ପିଲାଙ୍କୁ ବାର୍ଷିକ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ସ୍କୁଲ, କଲେଜ ଓ ରାସନ ଦୋକାନରେ ମାଗଣାରେ ସାନିଟାରୀ ପ୍ୟାଡ୍ ଉପଲବ୍ଧ କରାଯିବ।

ସେ କହିଛନ୍ତି, ମହିଳାଙ୍କ ସୁରକ୍ଷାକୁ ତାଙ୍କ ଦଳ ପ୍ରାଥମିକତା ଦେଉଛି। ମହିଳାଙ୍କ ସୁରକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ବିଭାଗ ଗଠନ କରାଯିବ। ଏହା ସିଧାସଳଖ ବିଜୟଙ୍କ ଅଧୀନରେ ରହିବ। ଏଥିସହ ସର୍ବସାଧାରଣ ପରିବହନରେ ସ୍ମାର୍ଟ ପ୍ୟାନିକ ବଟନ୍ ଓ ରାଣୀ ଭେଲୁନାଚିୟାର ଟିମ୍ ମୁତୟନ କରାଯିବ। ବିଜୟ ତାଙ୍କ ଭାଷଣରେ ଏମ୍‌କେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାରଙ୍କୁ ସମାଲୋଚନା କରିଥିଲେ।

# ଭବିଷ୍ୟତ ଯୁଦ୍ଧକୁ ଆକାର ଦେବ ଏଆଇ: ସିଡିଏସ୍

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ରାଇସିନା ଡାଏଲଗ୍ ୨୦୨୬ରେ କାର୍ଯ୍ୟକ୍ରମରେ ଯୋଗଦେଇ ସିଡିଏସ ଅନିଲ ଚୌହାନ ଡାଟା ସେଣ୍ଟର ଯୁଗରେ ପାୱାର, ଅଟୋନାମି ଏବଂ ଏନର୍ଜି ସମସ୍ୟା ବିଷୟରେ ଖୋଲାଖୋଲି ଭାବରେ କହିଥିଲେ। ସେ କହିଥିଲେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଭବିଷ୍ୟତର ଯୁଦ୍ଧକୁ ଆକାର ଦେବ ଏବଂ ପ୍ରତିରକ୍ଷା କ୍ଷମତାକୁ ବୃଦ୍ଧି କରିବା ପାଇଁ ଯଥେଷ୍ଟ ଶକ୍ତିର ଆବଶ୍ୟକ ହେବ। ଭାରତ ପ୍ରତିରକ୍ଷା କ୍ଷେତ୍ର ପାଇଁ ସମର୍ପିତ ଏଆଇ ସିଷ୍ଟମ ନିୟୋଜିତ କରିବା ପାଇଁ ଛୋଟ ଛୋଟ ପଦକ୍ଷେପ ନେଉଛି। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଉଦ୍ଧୃତ କରି ଜେନେରାଲ ଅନିଲ ଚୌହାନ କହିଛନ୍ତି, ଏହି ସଂଘର୍ଷରେ କୃତ୍ରିମ ବୁଦ୍ଧିମତ୍ତାର ଗୁରୁତ୍ୱ ଏହା ନିର୍ବାହ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଏ।

# ରାଜସ୍ଥାନ ସିକରରେ ଭୂକମ୍ପ ଝଟ୍‌କା

**ଜୟପୁର,୭।୩(ଏଜେନ୍ସି):** ସକାଳୁ ସକାଳୁ ରାଜସ୍ଥାନ ସିକର ଜିଲ୍ଲାରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଭୂକମ୍ପ ଝଟକା ଯୋଗୁ ଲୋକେ ଭୟଭୀତ ହୋଇଯାଇଥିଲେ। ଘରୁ ବାହାରି ଦୌଡିଥିଲେ ଲୋକ। ଏନଏସସି ମୁତାବକ, ଭୂକମ୍ପ ଝଟ୍‌କା ଶନିବାର ସକାଳ ୬.୩୨ ମିନିଟରେ ହୋଇଥିଲା। ଏହାର ତୀବ୍ରତା ୩.୫ ରିକ୍ଟର ରହିଥିଲା। ସ୍ଥାନୀୟ ଲୋକଙ୍କ ଅନୁସାରେ ରାନୌଲି ଏବଂ ଆଖପାଖରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା।

ଅନ୍ୟପକ୍ଷରେ ଇରାନରେ ଯୁଦ୍ଧ ଚାଲିଥିବା ବେଳେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ସକାଳ ପ୍ରାୟ ୮ଟା ୪୮ ମିନିଟରେ ଇରାନର ବନ୍ଦର ଆବାସ ନିକଟରେ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ଯାହାର ତୀବ୍ରତା ୪.୧ ରେକର୍ଡ କରାଯାଇଛି।

## ଭୟଙ୍କର ଅଗ୍ନିକାଣ୍ଡ
# ୫ ମହିଳା ମୃତ, ଅନେକ ଗୁରୁତର

**ଚଣ୍ଡିଗଡ଼,୭।୩(ଏଜେନ୍ସି):** ହରିୟାଣାର ଜିନ୍ଦରେ ହୋଲି ରଙ୍ଗ ଏବଂ ଅବିର ତିଆରି ହେଉଥିବା ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ। ଏହି ଭୟଙ୍କର ଅଗ୍ନିକାଣ୍ଡରେ ୫ ଜଣ ମହିଳାଙ୍କ ଜୀବନ ଚାଲିଯାଇଥିବା ବେଳେ ୨୦ରୁ ଅଧିକ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କ ପାନିପତ ହସପିଟାଲକୁ ରେଫର କରାଯାଇଛି। ତେବେ ଆଗକୁ ମୃତକଙ୍କ ସଂଖ୍ୟା ବଢିପାରେ ବୋଲି କୁହାଯାଇଛି।

ଜିନ୍ଦର ସଫିଦୋର ଭାଟ କଲୋନୀରେ ହୋଲି ରଙ୍ଗ ତିଆରି ହେଉଥିବା କାରଖାନାରେ ୩୦ ଜଣ ଶ୍ରମିକ କାମ କରୁଥିଲେ। ହଠାତ୍ ନିଆଁ ଲାଗି ଚାରିଆଡେ ବ୍ୟାପି ଯାଇଥିଲା। ନିଆଁ ଯୋଗୁ ଧୂଆଁମୟ ହୋଇଯାଇଥିଲା କାରଖାନା। ତେଣୁ କେହି ବାହାରି ପାରିନଥିଲେ। ସ୍ଥାନୀୟ ଲୋକ ଚିତ୍କାର ଶୁଣି ତୁରନ୍ତ ସହାୟତା ପାଇଁ ଆସିଥିଲେ। ସେମାନେ ଉଦ୍ଧାର କରି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ଘଟଣାରେ ୫ ଜଣ ମହିଳାଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୨୦ ଜଣ ଗୁରୁତର ଥିବା ଜଣାପଡିଛି। ତେବେ ନିଆଁ ଲାଗିବାର କାରଣ ସଟ୍ ସର୍କିଟ ହୋଇଥିବା ଜଣାପଡିଛି। ଏହାର ଯାଞ୍ଚ ଚାଲିଛି।

# ରାଷ୍ଟ୍ରପତିଙ୍କୁ ଟିଏମସି ସରକାର ଅପମାନ କରିବା ଲଜ୍ଜାଜନକ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୭।୩(ଏଜେନ୍ସି):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଆଚରଣକୁ ନେଇ କ୍ଷୋଭ ପ୍ରକାଶ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଦାର୍ଜିଲିଂ ଅନ୍ତର୍ଜାତୀୟ ସାନ୍ତାଳୀ ସମ୍ମିଳନୀ ଅବସରରେ କ୍ଷୋଭ ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗରେ ଘଟିଥିବା ଏହି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ୱିଟ୍ କରିଛନ୍ତି। ସେ କହିଛନ୍ତି, ଏହା ଅତ୍ୟନ୍ତ ଲଜ୍ଜାଜନକ ଓ ଅଭୂତପୂର୍ବ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ– ସୁରେଶ ପରିଡ଼ା
Editor - Suresh Parida